


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୮ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 18 JANUARY 2025

Vol.No. 36 ■ No.17 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଙ୍ଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସରକାରଙ୍କ ତୀକ୍ଷ୍ଣ ଦୃଷ୍ଟିରେ ବାହାର ରାଜ୍ୟର ଧାନ ଗାଡ଼ି

ଭୁବନେଶ୍ୱର, ୧୭/୧ (ନି.ପ୍ର): ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ସରକାର ଯଥୋଚିତ ପଦକ୍ଷେପ ଗ୍ରହଣ କରିଛନ୍ତି । ପଞ୍ଜିକୃତ ଚାଷୀ ସେମାନଙ୍କ ଧାନକୁ ସରକାରୀ ସ୍ତରରେ ବିକ୍ରୟ କରିପାରିବେ ଏଥିନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ବାହାର ରାଜ୍ୟରୁ ଯେଉଁଭଳି ଧାନ ଆସି ରାଜ୍ୟରେ ବିକ୍ରୟ ନହୁଏ ଏହା ଉପରେ ମଧ କଡା ନଜର ରଖାଇଯାଇଛି । ବିଶେଷକରି ରାଜ୍ୟର ସୀମାନ୍ତ ଅଂଚଳରେ ଏହି ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏହି ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ୨୧୭ଟି ଏନଫୋର୍ସମେଂଟ ଟିମକୁ ମୁତୟନ ହୋଇଛନ୍ତି । ଆବଶ୍ୟକତା ଅନୁଯାୟୀ ଏହି ଟିମ ଗୁଡିକ ମୁତୟନ ହେବା ସହ ବାହାର ରାଜ୍ୟର ଧାନ ଗାଡି ସମ୍ପର୍କିତ ଅଭିଯୋଗ ଉପରେ ଦ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି । ସେମାନେ ବିଶେଷ କରି ସୀମାବର୍ତ୍ତୀ ରାଜ୍ୟରୁ ଧାନନେଇ ଆମ ରାଜ୍ୟ ମଧ୍ୟକୁ ଆସୁଥିବା ଗାଡି ଉପରେ ନଜର ରଖୁଛନ୍ତ । କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେହି ଗାଡିକୁ ଜବତ କରିବାକୁ ସେମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ମାନେ ଏ ସଂକ୍ରାନ୍ତରେ କଡା ନିର୍ଦ୍ଦେଶ ଦେବା ସହ ଆବଶ୍ୟକତା ଅନୁଯାୟୀ ଇନଫୋର୍ସମେଂଟ ମୁତୟନ କରିଛନ୍ତି । ଏ କ୍ଷେତ୍ରରେ ଜିଲ୍ଲା ଯୋଗାଣ ଅଧିକାରୀ ମାନେ ମଧ ସମସ୍ତ ସହଯୋଗ ପ୍ରଦାନ କରୁଛନ୍ତି ।

# ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଓ ତାଙ୍କ ପତ୍ନୀଙ୍କୁ ଜେଲ୍

ନୂଆଦିଲ୍ଲୀ, ୧୭/୧ : ପାକିସ୍ତାନରୁ ଆସିଛି ଏକ ବଡ଼ ଖବର । ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ମିଳିଛି ଜେଲ ଦଣ୍ଡାଦେଶ । ଇମ୍ରାନ ଖାନଙ୍କୁ ୧୪ ବର୍ଷ ଜେଲଦଣ୍ଡ ହୋଇଛି । କେବଳ ସେତିକି ନୁହେଁ ତାଙ୍କ ପତ୍ନୀଙ୍କୁ ମଧ ୭ ବର୍ଷ ସଜା ଶୁଣାଯାଇଛି । ଅଲକାଦିର ଟ୍ରଷ୍ଟ ମାମଲାରେ ଶୁଣାଣି । ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଲାଗିଛି ଶକ୍ତ ଝଟକା । କ୍ଷମତାର ଦୁରୂପଯୋଗ ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି ପାକିସ୍ତାନ କୋର୍ଟ। ୨୦୨୩ରୁ ପାକିସ୍ତାନର ରାୱଲପିଣ୍ଡି ଜେଲରେ ବନ୍ଦୀ ଅଛନ୍ତି



ଇମ୍ରାନ ଖାନ୍ । ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ଦୁଇ ଶହରୁ ଅଧିକ ମାମଲାରେ ଅଭିଯୁକ୍ତ ଦର୍ଶାଯାଇ ଗିରଫ କରାଯାଇଛି । ପୂର୍ବରୁ ଅନେକ ମାମଲାରେ ଶୁଣାଣି କରାଯାଇ ତାଙ୍କୁ ଜେଲଦଣ୍ଡା ଦେଶ ହୋଇସାରିଛି । ଏବେ ପୁଣି ଆଉ ଏକ ମାମଲାରେ ଇମ୍ରାନଙ୍କୁ ଜେଲ ଦେଣ୍ଡାଦେଶ ଶୁଣାଇଛନ୍ତି ପାକିସ୍ତାନର କୋର୍ଟ । ତେବେ ଇମ୍ରାନ ଖାନ ପାକିସ୍ତାନର ରାଜନୀତିକୁ ଫେରିବା ନେଇ କିଛି ଦିନ ବୟାନ ଦେଇଥିଲେ । ସେ କହିଥିଲେ, ସେହବାଦ ସରିଫଙ୍କ ଭଳି ସେ ମଧ ସେନାକୁ ବ୍ୟବହାର କରି କ୍ଷମତାକୁ ଫେରିପାରିବେ ।

## ଜାନୁଆରି ୩୧ରୁ ସଂସଦର ବଜେଟ୍ ଅଧିବେଶନ

ନୂଆଦିଲ୍ଲୀ , ୧୭/୧ (ନି.ପ୍ର): ସଂସଦର ବଜେଟ୍ ଅଧିବେଶନ ଜାନୁଆରି ୩୧ରୁ ଆରମ୍ଭ ହେବ। ପ୍ରଥମ ଦିନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ହେବ ଏବଂ ଫେବ୍ରୁଆରି ପହିଲାରେ ବଜେଟ୍ ଉପସ୍ଥାପନ ହେବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ । ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁଆରି ୩୧ରୁ ଫେବ୍ରୁଆରି ୧୩ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ୨୦୨୦-୨୧ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବେ।

▶▶ପୃଷ୍ଠା ୭

## ନବ ଦାସଙ୍କ ଭାଇଙ୍କ ଘରେ ଆଇଟି ରେଡ୍

ଭୁବନେଶ୍ୱର, ୧୭/୧(ନି.ପ୍ର) :ନବ ଦାସଙ୍କ ବଡ ଭାଇଙ୍କ ଘରେ ସକାଳୁ ସକାଳୁ ଆଇ ରେଡ୍ । ନବଙ୍କ ବଡଭାଇ ବ୍ରଜ ଦାସଙ୍କ ଘରେ ଆୟକର ଠିବା ଅଭିଯୋଗରେ ଚଢଉ କରୁଛି ଆଇଟି । ୧୦ଟି ଗାଡିରେ ଆସିଛନ୍ତି ଆୟକର ଟିମ୍। କେବେଠୁ ବ୍ରଜ ଆୟକର ଟ୍ୟାକ୍ସ ଦେଉନଥିଲେ , ତାଙ୍କ ଉପରେ କେତେ ଟଙ୍କାର ବକେୟା ଟିକସ୍ ରହିଛି , କେବଳ ସମ୍ବଲପୁର କି ଅନ୍ୟ କେଉଁ ଠିକଣାରେ ରେଡ ଚାଲିଛି ସେସବୁ ଏଯାଏଁ ଜଣାପଡିନାହିଁ । ତେବେ ୧୦ଟି ଗାଡିରେ ଆୟକର ବିଭାଗର ଅଧିକାରୀମାନେ ଆସି ସକାଳ ୬ଟାରୁ ବ୍ରଜଙ୍କ ସମ୍ବଲପୁର ଘରେ ଯାଞ୍ଚ କରୁଥିବା ଜଣାପଡିଛି। ୪ ବର୍ଷ ପୂର୍ବରୁ ମଧ ବ୍ରଜଙ୍କ ଘରେ ଆଇଟି ରେଡ୍ ହୋଇଥିଲା।

## ଉତ୍କର୍ଷ ଓଡ଼ିଶାକୁ ନେଇ ଆକାଶ ଛୁଇଁଲା ଉତ୍କଣ୍ଠା: ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ୮ ଏମଓୟୁ

ଭୁବନେଶ୍ୱର, ୧୭/୧(ନି.ପ୍ର) : ସିଙ୍ଗାପୁରର ବୈଷୟିକ ସହାୟତାରେ ଓଡ଼ିଶାରେ ଗଢ଼ି ଉଠିବ ନୂଆ ସହର। ଏଥିପାଇଁ ଆଜି ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି ଓଡ଼ିଶା ସରକାର। ଏଥିସହ ସେମିକଣ୍ଡକ୍ଟର, ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ସିପିଂ କରିଡର ଆଦି ସମେତ ମୋଟି ୮ଟି ପ୍ରକଳ୍ପ ପାଇଁ ସିଙ୍ଗାପୁର ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ସୂଚନା ଦେବା ସହ, ଆଗକୁ ଆହୁରି ଅନେକ ଏମ୍‌ଓୟୁ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଯାହା ଫଳରେ ଆଗାମୀ ଉତ୍କର୍ଷ ଓଡ଼ିଶା



କନକ୍ଲେଭର ସଫଳତାକୁ ନେଇ ଆଶା ସଞ୍ଚାର ହୋଇଛି । ଉତ୍କର୍ଷ ଓଡ଼ିଶାକୁ ନେଇ ଆକାଶ ଛୁଇଁଲା ଉତ୍କଣ୍ଠା । ସିଙ୍ଗାପୁର ସହ ଓଡ଼ିଶା କଲା ଆଠ ଆଠଟି ଏମ୍‌ଓୟୁ । ଆସନ୍ତା ୨୮ ଓ ୨୯ ତାରିଖରେ ଉତ୍କର୍ଷ ଓଡ଼ିଶା କନକ୍ଲେଭ୍ ହେବାକୁ ଥିବା ବେଳେ, ଏହାର ୧୦ ଦିନ ପୂର୍ବରୁ ସିଙ୍ଗାପୁର

▶▶ପୃଷ୍ଠା ୭

## ପୂର୍ତ୍ତ ବିଭାଗ ଉପରେ ଭିଜିଲାନ୍ସର ଆଖି : ପୂର୍ବ ସରକାରରେ ବଡ ଦୁର୍ନୀତିର ଅଭିଯୋଗ

ଭୁବନେଶ୍ୱର, ୧୭/୧(ନି.ପ୍ର) : ବିଶ୍ୱ ସ୍ତରୀୟ ପ୍ରକଳ୍ପ ଭଳି ବିଶ୍ୱସ୍ତରୀୟ ଦୁର୍ନୀତି । ଓଡ଼ିଶା ଇତିହାସରେ ସମ୍ଭବ ତ ଏତେ ବଡ଼ ଦୁର୍ନୀତି କେତେବେଳେ ହୋଇଥିଲା ଭଳି ମନେ ହେଉନାହିଁ । ବଡ଼ ବଡ଼ ପ୍ରକଳ୍ପ ପାଇଁ ଯେଉଁ ମାତ୍ରାରେ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ ସେହିଭଳି ମାତ୍ରାରେ ହଜାର ହଜାର କୋଟିର କେଳେଙ୍କାରୀ ହୋଇଛି। ପୂର୍ତ୍ତ ବିଭାଗର ବିଭିନ୍ନ ନିର୍ମାଣରେ ମହାଦୁର୍ନୀତି ହୋଇଥିବା ବେଳେ ଏହା ଉପରେ ଏବେ ଭିଜିଲାନ୍ସର ଆଖି । ଏହି ମହାଦୁର୍ନୀତିର କାର୍ପେଟଦାର ସାଜିଥିଲେ ଓବିସିସିର ବଡ଼ ବଡ଼ ବାବୁ । ଯାହାକୁ ନେଇ ଏବେ ପାୱାର କରିଡ଼ରରେ ହଇଚଇ । କେମିତି ଗଳାବାଟ ଦେଇ ଟେଣ୍ଡର ପାସ କରାଉଥିଲେ ଓ ଏଥିରେ କୋଟି କୋଟି ଟଙ୍କାର ଦୁର୍ନୀତି କରାଉଥିଲେ ସେନେଇ ଅଭିଯୋଗ ହୋଇଛି । ଏହି ଅଭିଯୋଗ ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ହସ୍ତକ୍ଷେପ କରିଛି । ଏହି ଦୁର୍ନୀତିର ଚେର ଖୋଜିବା ପାଇଁ ଭିଜିଲାନ୍ସ ସହିତ ପୂର୍ତ୍ତ ବିଭାଗକୁ ମଧ ଅବଗତ କରାଯାଇଛି । ହେଲେ ଗୋଟିଏ ମାସ ବିତିଯାଇଥିଲେ ମଧ ତଦନ୍ତର ଧିମାପଣକୁ ନେଇ ବଡ଼ ପ୍ରଶ୍ନ ଉଠିଛି । ସବୁ ବଡ଼ କଥା ହେଲା, ଦୁର୍ନୀତି ଅଭିଯୋଗ କରିଛନ୍ତି ବିଜେପିର ବଡ଼ ଚେହେରା । ଆଉ ଏହାର ତଦନ୍ତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ତଥାପି ପୂର୍ତ୍ତ ବିଭାଗରେ ବଡ଼ ବଡ଼ ପ୍ରକଳ୍ପରେ ହୋଇଥିବା ଦୁର୍ନୀତିର ତଦନ୍ତରେ ଧିମାପଣକୁ ନେଇ ପ୍ରଶ୍ନ ଉଠିଛି । ଭୁବନେଶ୍ୱରରୁ କଟକ ୨୦ କିମି ରାସ୍ତାରେ ଲୋକଙ୍କୁ ଯିବା ପାଇଁ ହୁଏତ ୨୦ ମିନିଟ୍ ସମୟ ଲାଗିବ । କିନ୍ତୁ ଲୋକସେବା ଭବନରୁ କଟକ ପୁଲିସ ମୁଖ୍ୟାଳୟ ଯାଏଁ ମାତ୍ର ୩୦କିମି ରାସ୍ତାରେ ସରକାରୀ ଫାଇଲ ଯିବାକୁ ଲାଗିଲାଣି ମାସେରୁ ଅଧିକ ସମୟ । ଡିସେମ୍ବର ୧୯ରୁ ହୋଇଥିବା ଦୁର୍ନୀତି ଅଭିଯୋଗ ଫାଇଲ ଏଯାଏଁ କଟକ ପହଂଚି ପାରୁନି ।

## ବୁଲିଲା ବୁଲଡୋଜର: ଭାଙ୍ଗିଲା ତଥାକଥିତ କୁନୀ କଲ୍କୀଙ୍କ ବୈକୁଣ୍ଠ ଆଶ୍ରମ

ଭୁବନେଶ୍ୱର, ୧୭/୧(ନି.ପ୍ର) : ବିଶ୍ୱାସ ଆଉ ଗୁରୁଶିଷ୍ୟ ପରମ୍ପରା ନାଁରେ ସରକାରୀ ଜମି ଉପରେ ଛିଡ଼ା ହୋଇଥିବା ଖଣ୍ଡଗିରିର ବୈକୁଣ୍ଠ ଆଶ୍ରମ ମିଶିଲା ମାଟିରେ । ତଥାକଥିତ କୁନି କଲ୍କୀର ବେଆଇନ ସାମ୍ରାଜ୍ୟକୁ ଭାଙ୍ଗି ଗୁଣ୍ଡ କରିଦେଇଛି ବିଡିଏ । ଏବେ ନା ଭକ୍ତ-ଭକ୍ତି ଆଉ ଭଗବାନ ନାଁରେ ଚାଲିବ ଭାଣ୍ଡାମୀ, ନା ହେବ ଅବତାର ନାଁରେ ଅନ୍ଧବିଶ୍ୱାସର ଖେଳ। ଜବରଦଖଲ ଉଚ୍ଛେଦ ଅଙ୍କୁଶକୁ ହାଇକୋର୍ଟଙ୍କ ପ୍ରତ୍ୟାହାର ପରେ ଧରାଶାୟୀ ହୋଇଛି ଆଶ୍ରମ। ଏବେ ପାଚେରୀ ବୁଲାଇ ଆଶ୍ରମ ଜମିକୁ ନିଜ ଦଖଲରେ ରଖିବାକୁ ଯୋଜନା କରିଛି ବିଡିଏ । ବିଡିଏର



ବୁଲଡୋଜର ମାଡ଼ରେ ଧରାଶାୟୀ ତଥାକଥିତ ବୈକୁଣ୍ଠ ଧାମ ଆଶ୍ରମ । ଭୁଶୁଡ଼ିଲା ଭକ୍ତ-ଭକ୍ତି ଓ ଭଗବାନ ନାଁରେ ସରକାରୀ ଜମି ଉପରେ ବେଆଇନ ଭାବେ ମୁଣ୍ଡ ଟେକିଥିବା ସାମ୍ରାଜ୍ୟ । ଭାଙ୍ଗିଲା ତୋରଣ, ଭୁଶୁଡ଼ିଲା ସଂଲଗ୍ନ କାନ୍ଥବାଡ଼। ଛିନଛତ୍ର ଆଶ୍ରମ ପରିସର । ପୂର୍ବରୁ ଡାକବାଜି ଯନ୍ତ୍ରରେ ଘୋଷଣା କରି ସତର୍କ କରାଇଥିବା

▶▶ପୃଷ୍ଠା ୭

## ଏଇ ମାସ ଶେଷ ସପ୍ତାହରେ ଆସିବ ସୁଭଦ୍ରା ଟଙ୍କା: ଶୀଘ୍ର କେୱାଇସି ଅପଡେଟ୍ ସାରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ଅପିଲ

ଭୁବନେଶ୍ୱର, ୧୭/୧(ନି.ପ୍ର) : ଏଇ ମାସ ଶେଷ ସପ୍ତାହରେ ମିଳିବ ସୁଭଦ୍ରା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା। କିନ୍ତୁ ବିଡମ୍ବନା,ଏବେ ବି ୨ ଲକ୍ଷରୁ ଅଧିକ ମହିଳା ନିଜର କେୱାଇସି ଅପଡେଟ କରିନାହାନ୍ତି। ଆଉ ଅଜାଣତରେ ଅପ୍ଟ ଆଉଟ ହୋଇଥିବା ୩୧ ହଜାର ମହିଳାଙ୍କ ମଧ୍ୟରୁ ଅପ୍ଟ ଇନ୍ କରିଛନ୍ତି ୧୭ ହଜାର। ତେଣୁ ସରକାର ମାସ




ଶେଷ ଆଡକୁ ଚତୁର୍ଥ ପର୍ଯ୍ୟାୟ ଟଙ୍କା ଦେବାକୁ ପ୍ରସ୍ତୁତ ହେଉଥିବାରୁ ଯଥାଶୀଘ୍ର କେୱାଇସି ଅପଡେଟ ପାଇଁ ଅପିଲ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଏପେଟ ଏବେ ବି ଅନେକ ଆବେଦନକାରୀ ଆଶା ଆଶଙ୍କାରେ ରହିଛନ୍ତି। ଆଉ ୧୦ରୁ ୧୨ ଦିନ ଭିତରେ ମିଳିଯିବ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଟଙ୍କା। କିନ୍ତୁ ଏଥିରେ ଅଛି ତ ଆପଣଙ୍କ ନାଁ ? ନା କେୱାଇସି ଅପଡେଟ୍ ନଥିବାରୁ ପେଣ୍ଡିଂରେ ପଡିଛି ଆପଣଙ୍କ ଆବେଦନ ? କେୱାଇସି ଅପଡେଟ ନଥିବାରୁ ଏବେ ବି ୨ ଲକ୍ଷ ଆବେଦନ ସାମିଲ ହୋଇ ପାରୁନାହିଁ।

▶▶ପୃଷ୍ଠା ୭

## ଖୁବ୍ ଶୀଘ୍ର ରାଜ୍ୟବାସୀ ପାଇବେ ଆୟୁଷ୍ମାନ ଭାରତ

ଭୁବନେଶ୍ୱର, ୧୭/୧ (ନି.ପ୍ର): ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟରେ ଚୁକ୍ତିନାମା ଜାନୁଆରୀ ୧୩ ତାରିଖରେ ସ୍ୱାକ୍ଷରିତ ହେବା ପରେ ଓଡ଼ିଶାବାସୀ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ସୁଫଳ କିପରି ଯଥାଶୀଘ୍ର ପାଇପାରିବେ ସେ ନେଇ ବିଭାଗ ବିଭିନ୍ନ ପ୍ରସ୍ତୁତି ଓ ପ୍ରଶିକ୍ଷଣ ଆରମ୍ଭ କରିଛି । ଏହି ସମନ୍ୱିତ ଯୋଜନା ଦ୍ୱାରା ରାଜ୍ୟବାସୀ ଦେଶର ପ୍ରାୟ ୩୦ ହଜାର ଚିକିତ୍ସାଳୟରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ ।

## ଜିଡିପିରେ ଭାରତ ସୃଷ୍ଟି କରିଛି ମାଇଲଷ୍ଟୋନ୍: ଭାରତକୁ ବିଶ୍ୱବ୍ୟାଙ୍କର ପ୍ରଶଂସା

ନୂଆଦିଲ୍ଲୀ, ୧୭/୧ : ବିଶ୍ୱ ବ୍ୟାଙ୍କ ଅର୍ଥନୀତିକୁ ପ୍ରଶଂସା କରିବା ସହ ଭାରତର ଜିଡିପି ବୃଦ୍ଧିକୁ ନେଇ ଏକ ନୂଆ ଆକଳନ କରିଛି । ଚଳିତ ବର୍ଷ ଭାରତର ଅର୍ଥନୀତି ୬.୫ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି । ସୁଦୃଢ଼ ଶ୍ରମ ବଜାର, ବର୍ଦ୍ଧିତ ଋଣ ଏବଂ ମୁଦ୍ରାସ୍ଫୀତି ହ୍ରାସ ଯୋଗୁଁ ଭାରତର ଘରୋଇ ଉପଭୋକ୍ତା ଅଭିବୃଦ୍ଧି ବୃଦ୍ଧି ପାଇବ ବୋଲି ବିଶ୍ୱବ୍ୟାଙ୍କ କହିଛି । ତେବେ ସରକାରୀ ଉପଭୋକ୍ତା ଅଭିବୃଦ୍ଧି ସୀମିତ ରହିପାରେ। ବିଶ୍ୱର ଅନ୍ୟାନ୍ୟ ଦେଶର ଅର୍ଥନୀତିକୁ ମଧ ବିଶ୍ୱ ବ୍ୟାଙ୍କ ଆକଳନ କରିଛି । ୨୦୨୫-୨୬ରେ ବିଶ୍ୱର ଅନ୍ୟ ଦେଶର ଅର୍ଥନୀତିର

## ଇସ୍ରାଏଲ ଆଗରେ ହମାସର କଠୋର ସର୍ତ୍ତ : ୩୫ ବନ୍ଧକ ବଦଳରେ ୧୦୦୦ ଆତଙ୍କବାଦୀ

ଗାଜା, ୧୭/୧ : ଗାଜାରେ ଶାନ୍ତି ଘୋଷଣା କରାଯାଇଛି। ଇସ୍ରାଏଲ ଓ ହମାସ ଯୁଦ୍ଧ ଶେଷ କରିବାକୁ ରାଜି ହୋଇଛନ୍ତି। କତାର ରାଜଧାନୀରେ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଛି। କିନ୍ତୁ ହମାସ ସହ ହୋଇଥିବା ଚୁକ୍ତି ପାଇଁ ଇସ୍ରାଏଲକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ। ଶାନ୍ତି ଚୁକ୍ତି ଅଧୀନରେ ସ୍ଥିର ହୋଇଥିବା ଫର୍ମୁଲାରୁ ସ୍ପଷ୍ଟ ହେଉଛି ଯେ ଇସ୍ରାଏଲ ନିଜ ନାଗରିକଙ୍କୁ ବଞ୍ଚାଇବା ପାଇଁ ସବୁକିଛି ବାଜି ଲଗାଇଛି। ଜଣେ ୨ ବର୍ଷର ଇସ୍ରାଏଲ ବାଳକ ବଦଳରେ ୩୦ ଜଣ ଆତଙ୍କବାଦୀଙ୍କୁ ମୁକ୍ତ କରିବାକୁ ହାମାସ ଦାବି କରିଛି। ସେହିପରି ଜଣେ ମା' ଓ ତାଙ୍କ ପିଲାଙ୍କ ବଦଳରେ ୧୦୦ ଜଣ ଆତଙ୍କବାଦୀଙ୍କୁ ମୁକ୍ତ କରିବାକୁ କୁହାଯାଇଛି। ଏହିପରି ୩୫ ଜଣ ବନ୍ଧକଙ୍କ ବଦଳରେ ମୋଟ ୧୦୦୦ ଆତଙ୍କବାଦୀଙ୍କୁ ଛାଡ଼ିବାକୁ ହମାସ ଦାବି କରିଛି । ତେବେ ଏହି ପିଲା ଓ ସେମାନଙ୍କ ମା' ସଂପୂର୍ଣ୍ଣ ସୁରକ୍ଷିତ ଥିବା ନେଇ ହମାସ ଏପର୍ଯ୍ୟନ୍ତ



କୌଣସି ପ୍ରମାଣ ଦେଇନାହିଁ। ବନ୍ଦୀମାନଙ୍କୁ ମୁକ୍ତ କରିବା ପାଇଁ ଦୋହାରେ ହାମାସ ଓ ଇସ୍ରାଏଲ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ରାଷ୍ଟ୍ରପତି ଟ୍ରମ୍ପ ଶପଥ ଗ୍ରହଣ କରିବା ଦିନ କିଛି ଆତଙ୍କବାଦୀଙ୍କୁ ମୁକ୍ତ କରାଯାଇପାରେ। ଇସ୍ରାଏଲ ନିଜ ନାଗରିକଙ୍କ ସୁରକ୍ଷା ପାଇଁ କିଛି ବି କରିବ ବୋଲି ହାମାସ୍ ଭଲ ଭାବେ ଜାଣିଛି। ପୂର୍ବରୁ ବି ବନ୍ଧକଙ୍କ ବଦଳରେ ଇସ୍ରାଏଲ । ଇସ୍ରାଏଲ ତା'ର ନାଗରିକଙ୍କ ବଦଳରେ ଆତଙ୍କବାଦୀଙ୍କୁ ମୁକ୍ତ କରିସାରିଛି। ସେହି ଅଭିଜ୍ଞତାକୁ ଆଧାର କରି ହାମାସ ପୁଣି ଥରେ ଇସ୍ରାଏଲର ୩୫ ଜଣ ବନ୍ଧକଙ୍କ ବଦଳରେ ୧୦୦୦ ଆତଙ୍କବାଦୀଙ୍କୁ ମୁକ୍ତ କରିବାକୁ ଦାବି କରିଛି।

# ସେଲ୍, ଆରଏସପି ଦ୍ୱାରା ଚିନ୍ମୟ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କୁଇଜ୍ ଆୟୋଜିତ

ରାଉରକେଲା, ୧୭/୧ (ନି.ପ୍ର): ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ସେକ୍ଟର-୭ ସ୍ଥିତ ଚିନ୍ମୟ ବିଦ୍ୟାଳୟରେ ଏକ ସଡ଼କ ସୁରକ୍ଷା ସଚେତନତା କୁଇଜ୍ ପ୍ରତିଯୋଗିତା ଆୟୋଜନ କରିଥିଲା। ଆରଏସପି ସୁରକ୍ଷା ବିଭାଗର ଜିଏମ ଶ୍ରୀ ଅବକାଶ ବେହେରା, ଏବଂ ଚିନ୍ମୟ ବିଦ୍ୟାଳୟର ଉପାଧକ୍ଷ ଶ୍ରୀମତୀ ସ୍ନେହାଂସୁ ନାୟକ ଏହି କାର ?ୟକ୍ରମରେ ଅଧକ୍ଷତା କରିଥିଲେ। ଏହି ଅବସରରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ନିଳକଣ୍ଠ ସେଠୀ, ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ କଲ୍ୟାଣ କାନ୍ତି ପଟେଲ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ




କର୍ମଚାରୀମାନେ ଉପସ୍ଥିତ ଥିଲେ।

ଦାୟିତ୍ୱବୋଧ ସୃଷ୍ଟି କରିବା ଏବଂ ଯୁବ ମନକୁ ସୁରକ୍ଷିତ ସଡ଼କ ଅଭ୍ୟାସ ବିଷୟରେ ଶିକ୍ଷା ଦେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା, ଯାହା ୨୦୨୫ର ସଡ଼କ ସୁରକ୍ଷା ମାସ 'ପରବାହ କରେଙ୍ଗେ - ସୁରକ୍ଷିତ ରହେଙ୍ଗେ' ଥିମ୍ ଅନୁରୂପ ଅଟେ ।

ଶ୍ରୀ ଅବକାଶ ବେହେରା ତାଙ୍କ ଅଭିଭାଷଣରେ, ସମ୍ପ୍ରଦାୟ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ପ୍ରସାର କରିବାରେ ଛାତ୍ରଛାତ୍ରୀଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଅଂଶଗ୍ରହଣକାରୀମାନଙ୍କୁ ସୁରକ୍ଷାର ଦୂତ ଭାବରେ କାର ?ୟ କରିବାକୁ ଉତ୍ସାହିତ କରିଥିଲେ।

ଅଷ୍ଟମ ଏବଂ ନବମ ଶ୍ରେଣୀର ୧୦୦ ରୁ ଅଧିକ ଛାତ୍ରଛାତ୍ରୀ ଏହି କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଯାହା ସେମାନଙ୍କୁ ଟ୍ରାଫିକ୍ ନିୟମ, ରାସ୍ତା ସଙ୍କେତ, ପ୍ରାଥମିକ ଚିକିତ୍ସା ଏବଂ ଅସୁରକ୍ଷିତ ଅଭ୍ୟାସର ପରିଣାମ ଭଳି ବିଷୟଗୁଡ଼ିକୁ ନେଇ ଏକ ପାରସ୍ପରିକ ଶିକ୍ଷା ଅଭିଜ୍ଞତାରେ ନିୟୋଜିତ କରିଥିଲା।

ଏହି କାର ?ୟକ୍ରମ ଏକ ପୁରସ୍କାର ବଣ୍ଟନ ସମାରୋହ ସହିତ ଶେଷ ହୋଇଥିଲା। ଏଥିରେ ବିଜେତାମାନଙ୍କୁ ସେମାନଙ୍କର ଜ୍ଞାନ ଏବଂ ପ୍ରୟାସ ପାଇଁ ପୁରସ୍କୃତ କରାଯାଇଥିଲା। କର୍ମଚାରୀଙ୍କ ସମେତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଚକୋଲେଟ୍ ବଣ୍ଟାଯାଇଥିଲା।

ଭବିଷ୍ୟ ପିଢ଼ି ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ରାସ୍ତାରେ ସତର୍କତା ଏବଂ ଦାୟିତ୍ୱର ସଂସ୍କୃତିକୁ ଉତ୍ସାହିତ କରିବା ପାଇଁ ଏହି ପଦକ୍ଷେପକୁ ସ୍କୁଲ କର୍ତ୍ତୃପକ୍ଷ ବହୁତ ପ୍ରଶଂସା କରିଥିଲେ।

## ପିତଳ ସେବା ସମବାୟ ସମିତିରେ ଖରିଫ୍ ଧାନ ସଂଗ୍ରହ ପାଇଁ ମଣ୍ଡି ଉଦ୍‌ଘାଟନ

ଗଞ୍ଜାମ, ୧୭/୧ (ନି.ପ୍ର): ଶେରଗଡ ବ୍ଲକର ପିତଳ ସ୍ୱୋ ସମବାୟ ସମିତିରେ ଚଳିତ୍ୱର୍ଷ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ମଣ୍ଡି ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମିତି ସଭାପତି ପ୍ରମୋଦ କୁମାର ପାତ୍ର, ସହ ସମ୍ପାଦକ ଶରତଚନ୍ଦ୍ର ପାତ୍ର,ମିଲରରମାକାନ୍ତ ପଣ୍ଡା, ସମ୍ପାଦକ କୃଷ୍ଣ ନାୟକ, ସମିତି କର୍ମଚାରୀ ବଳରାମ ପାତ୍ର, ଅମର ପ୍ରଧାନ, ଚାଷୀ ହିମାଂଶୁ ପୋଲାଇ, ଉପେନ୍ଦ୍ର ପ୍ରଧାନ ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ୨୧ ହଜାର କ୍ୱିଂଟାଲ ଧାନ ଏହି ସମିତି ମାଧ୍ୟମରେ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରଯାଇଛି।

# ଦିବ୍ୟାଙ୍ଗ ପିତୃଭକ୍ତ ଧିରେନଙ୍କୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସହାୟତା

କେନ୍ଦ୍ରାପଡ଼ା, ୧୭/୧ (ନି.ପ୍ର): ତ୍ରେତୟା ଯୁଗରେ ମାତା ପିତାଙ୍କ ନିରନ୍ତର ସେବା କରୁଥିଲେ ଶ୍ରବଣ କୁମାର, କଳିଯୁଗରେ ସେହିପରି ପିତାଙ୍କର ନିରନ୍ତର ସେବା କରୁଛନ୍ତି ପିତୃଭକ୍ତ ଧିରେନ। ଧିରେନ୍ ନିଜେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି । ୨୦୨୫ ମସିହା ରେ ଜଣେ ୫୮ ବର୍ଷୀୟ ଦିବ୍ୟାଙ୍ଗ ବ୍ୟକ୍ତି ନିଜର ୯୨ ବର୍ଷୀୟ ବୃଦ୍ଧ ବାପାଙ୍କର ନିରନ୍ତର ସେବା କରୁଛନ୍ତି, ଏହାକୁ ଦେଖି କିଛି ଧର୍ମପରାୟଣ ବ୍ୟକ୍ତି ଧୀରେନ୍‌ଙ୍କୁ 'କେନ୍ଦ୍ରାପଡ଼ାର ଶ୍ରବଣ କୁମାର' ନାମରେ ନାମିତ କରିଛନ୍ତି। ଏଠାରେ କହିରଖୁ କି ଏହି ଶ୍ରବଣ କୁମାରଙ୍କ ଘର ହେଉଛି କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଗର୍ଜଙ୍ଗା ପଂଚାୟତ ଅନ୍ତର୍ଗତ କୁଆଁରପାଳ ଗ୍ରାମରେ। ଆଜି ଯୁଗରେ ବାପା ମା ବୃଦ୍ଧ ହୋଇଗଲେ ପୁଅ ଚାକିରି କରି ବାହାରେ ରହୁଥିଲେ ପିଲାମାନେ ବୃଦ୍ଧାଶ୍ରମଟିଏ ଯୋଗାଡ କରନ୍ତି ବାପା ମା ଙ୍କୁ ଛାଡ଼ିବା ପାଇଁ। ଏ ସମୟ ରେ ତାଙ୍କ ଚିନ୍ତାଧାରାକୁ ଅଶେଷ ଧନ୍ୟବାଦ। ଧୀରେନଙ୍କ ଦୁର୍ଭାଗ୍ୟ ତାଙ୍କ ମା ଦୀର୍ଘ ଦିନ ହେବ ଚାଲିଗଲେଣି। ବିଭିନ୍ନ ଗଣମାଧ୍ୟମରୁ ଖବର ପାଇବା ପରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ପହଂଚିଥିଲେ ଧିରେନଙ୍କ ଘରେ। ତାଙ୍କର ସେବାକୁ ପ୍ରଶଂସା କରିବା ସହ ବିଭିନ୍ନ ପ୍ରକାରର ଆସବାବ ପତ୍ର ପ୍ରଦାନ କରିଥିଲେ। ଦୁଇମାସ ପାଇଁ ରାସନ ସାମଗ୍ରୀ ଯୋଗାଇ ଦେଇଥିଲେ। ବାପା ଓ ପୁଅଙ୍କ ପାଇଁ କମ୍ବଳ, ଧୋତି, ଗାମୁଛା ଓ ପିନ୍ଧିବା ଶୀତ ବସ୍ତ୍ର ପ୍ରଦାନ କରିଥିଲେ। ବିଭିନ୍ନ ପ୍ରକାରର ପନିପରିବା ମଧ୍ୟ ଦିଆଯାଇଥିଲା। ଏହାକୁ ଦେଖି ୯୨ ବର୍ଷୀୟ ବୃଦ୍ଧ ଶତ୍ରୁଘ୍ନ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

## ସୁରଜମଲ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା

ବଲାଙ୍ଗିର, ୧୭/୧ (ନି.ପ୍ର): ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ସୁରଜମଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତମ ନାଗ ଓ ପ୍ରଦୀପ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷକ ଶୁଶାନ୍ତ କୁମାର ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଅଭିନିତା ପଟ୍ଟନାୟକ, ମୋନିକା ପ୍ରଧାନ, ପ୍ରତିଭା ପାଣିଗ୍ରାହୀ, ଆଶୁତୋଷ ପ୍ରଧାନ, ଡିଲେଶ୍ୱର ନନ୍ଦ, ପ୍ରଦୀପ୍ତ ଦାଶ, ସୁଶ୍ରିତାରାଣୀ ପୁରୋହିତ, ପ୍ରିୟମ୍ବଦା ହରିପାଲ, ଶ୍ରୀଲେଖା ବେହୁରା, ହରିବନ୍ଧୁ ନାଏକ, ସୁନନ୍ଦା ସଲତର, ବେକୁ ସାହୁ, କିଶୋର ବରାଡ, ସନତ ଭୋଇ ଓ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଜୋହନ ଦିପ ସହଯୋଗ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମହେଶ ମିଶ୍ର ସଭା ପରିଚାଳନା କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ବାର୍ଷିକ ଉତ୍ସବ ରେ ପୁରସ୍କୃତ କରାଯିବାକୁ ସ୍ଥିର କରାଯାଇଛି ।

## ପକ୍ଷୀ ଗଣନା ନେଇ ତାଲିମ୍ ଶିବିର

ଜୟପୁର, ୧୭/୧ (ନି.ପ୍ର): ଜୟପୁର ବନଖଣ୍ଡ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ୧୮ ତାରିଖରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏନେଇ ଆଜି ବନଖଣ୍ଡ କାର୍ଯ୍ୟାଳୟରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ବନଖଣ୍ଡ ଅଧିନରେ ଥିବା ବୋରିଗୁମ୍ମା, ବୈପାରିଗୁଡା, ଜୟପୁର, କୋଟପାଡ, ଗୁପ୍ତେଶ୍ୱର, କୁନ୍ଦୁରା ବନାଂଚଳରେ ପକ୍ଷୀ ଗଣନା କରାଯିବ । ବିଦେଶି ପକ୍ଷୀ ଓ ବାହାରୁ ଆସୁଥିବା ପକ୍ଷୀ ମାନଙ୍କର ଚିହ୍ନଟ କରାଯିବ । କିପରି ବିଦେଶୀ ପକ୍ଷୀ ଓ ବାହାର ପକ୍ଷୀ ମାନଙ୍କୁ ଚିହ୍ନଟ କରାଯିବ ଓ ଗଣତି କରାଯିବ ଫଟୋ ମଧ ଉଠାଯିବ ସେ ନେଇ ତାଲିମ୍ ଦିଆଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ଜିବ ବିଜ୍ଞାନର ପ୍ରେଫସର ଏବଂ ଛାତ୍ର ଛାତ୍ରୀ ମାନେ ସିମଲ ହୋଇଥିଲେ । ଗଣନା ଦିନ ମଧ ସାମିଲ ହୋଇ ବିଭାଗକୁ ସହଯୋଗ କରିବେ ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଜୟପୁର , ୧୭/୧ (ନି.ପ୍ର): ବିକ୍ରମଦେବ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଠାରେ ଚାଲିଥିବା ଆତ୍ମ ସୁରକ୍ଷା କୌଶଳ ତାଲିମ ଶିବିରର ଆଜି ଉଦଯାପିତ ହୋଇଯାଇଛି। ଗତ ୭ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ତାଲିମ ଶିବିର ଆଜି ଶେଷ ହୋଇଛି। ଏଥିରେ ୨ଶହ ଛାତ୍ରୀ ମାନଙ୍କୁ ତାଲିମ ଦିଆଯାଇଥିଲା। ମାଷ୍ଟର ଟ୍ରେନର ଭାବେ ଦିପ୍ତିମୟୀ କାଡ୍ରାକା, ରୁପାଲି ଖୋଲସା, ବସୁମତୀ ସିଆ, ପିଙ୍କି ବିଶୋୟୀ ତାଲିମ ଦେଇଥିଲେ। ଉଦଯାପ୍ନୀ ଉତ୍ସବରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପିଜି ବିଭାଗର ଡ. ପ୍ରଶାନ୍ତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆତ୍ମସୁରକ୍ଷା କୌଶଳ ବିଷୟରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ବିକ୍ରମଦେବ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ନୋଡାଲ ଅଫିସର ଡ.ଲକ୍ଷ୍ମଣ ପାତ୍ର ଯୋଗ ଦେଇ ରାଜନୀତି ବିଗ୍ୟାନ ବିଭାଗର ଅଧାପିକା ତଥା ୍ୱଆରସି ସହ ସଂଯୋଜିକ ଏସ. ଜ୍ୟୋସ୍ନାରାଓ ଉପସ୍ଥିତ ଥିଲେ। ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମକୁ ସନ୍ତୋଷିନୀ ମୁଣ୍ଡା ପରିଚାଳନା କରିଥିଲେ। ଶେଷରେ ସୁକାନ୍ତି ସଏ ଧନ୍ୟବାଦ ଅର୍ପଣ କରିଥିଲେ।

# ସି.ଏମ୍. ଟ୍ରଫି ଜିଲ୍ଲା ସ୍ତରୀୟ ଫୁଟବଲ ଚମ୍ପିୟାନସିପ୍ ୨୦୨୫ ଉଦ୍‌ଘାଟିତ

ବଲାଙ୍ଗିର, ୧୭/୧ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସିଏମ୍ ଟ୍ରଫି ଜିଲ୍ଲା ସ୍ତରୀୟ ଫୁଟବଲ ଚମ୍ପିୟାନସିପ୍ ବାଳକ ବିଭାଗ ୧୫ ବର୍ଷ ରୁ କମ୍ ଚମ୍ପିୟାନସିପ୍ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି । 'ପ୍ରତିଭା ଅନେକ ଲକ୍ଷ୍ୟ ଏକ' ଓଡିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଆହ୍ୱାନ କ୍ରମେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ବଲାଙ୍ଗିର ଜିଲ୍ଲା ପ୍ରଶାସନ, ଓଡିଶା ଫୁଟବଲ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିର ଙ୍କ ଆୟୋଜନ ରେ ଫୁଟବଲ ଚମ୍ପିୟାନ ସିପ୍ ଅନୁଷ୍ଠିତ ହେଉଛି । ବଲାଙ୍ଗିର ର ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚମ୍ପିୟାନସିପ୍ କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଲାଙ୍ଗିର ହିମାଂଶୁ ବେହେରା, ଡେପୁଟି କଲେକ୍ଟର ରାଜେନ୍ଦ୍ର ପ୍ରସାଦ ନାୟକ, ଡିଏସପି ସନ୍ଦିପ କୁମାର ମଲ୍ଲିକ, ଡିପିଇଓ ପ୍ରଦୀପ କୁମାର ପାତ୍ର ଓ ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କ୍ରୀଡା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଓ ଶତୃଘନ ସିଂ, ବରିଷ୍ଠ ସଦସ୍ୟ ରମାକାନ୍ତ ସେଠ, ସୁଧିର ଚନ୍ଦ୍ର ପଣ୍ଡା, ପ୍ରଭାତ କୁମାର ମିଶ୍ର, ବିଭୁତି ଭୂଷଣ ପଣ୍ଡା, ଡା. ସିଦ୍ଧେଶ୍ୱର ମିଶ୍ର, ସଂଗ୍ରାମ ବହିଦାର, ଭୁପେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ମଂଚାସିନ ଥାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଏହି ଚମ୍ପିୟାନସିପ୍ ରେ ଜିଲ୍ଲାର ସମୁଦାୟ ୮ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି । ଖେଳ ଗୁଡିକ ଲିଗ୍ ପର୍ଯ୍ୟାୟରେ ହେବ । ପ୍ରତ୍ୟେହ ଅପରାହ୍ନ ୨ଟା ଠାରୁ ଖେଳ ଗୁଡିକ ହେବ । ୨୨ ତାରିଖ ଗ୍ରାଣ୍ଡ ଫାଇନାଲ ଖେଳ ଅନୁଷ୍ଠିତ ହେବ । ଉଦ୍‌ଘାଟନି ପ୍ରଥମ ମ୍ୟାଚରେ ସଦାଇପାଲି ଏଫ୍‌ସି ୬-୦ ଗୋଲରେ ଭାଲେର ଏଫ୍‌ସି କୁ ଓ ଦ୍ୱିତୀୟ ମ୍ୟାଚରେ ଟିଟିଲାଗଡ ଏଫ୍‌ସି ୫-୨ ଗୋଲରେ ଖପ୍ରାଖୋଲ ଏଫ୍‌ସି କୁ ହରାଇ ବିଜୟୀ ହୋଇଥିଲେ । ଖେଳକୁ ସଞ୍ଜନ କୁଦେଇ, ନରସିଂସ୍ୱାମୀ ନାଇଡୁ, ସୁଦର୍ଶନ ସେଠ, ତ୍ରିନାଥ ଚନ୍ଦନ, ଜ୍ୟୋତି ମହାନନ୍ଦ, ସଂଜିବ ମହାରଣା, ରାଜେନ୍ଦ୍ର ଧରୁଆ, ରାଜେନ୍ଦ୍ର ସେଠ, ଡୋଳାମଣି ବଗର୍ତ୍ତି, ଭୁବନେ ଭୋଇ ରେଫରି ଭାବେ ଖେଳ ପରିଚାଳନା କରିଥିଲେ । ୧୭ ତାରିଖ ପ୍ରଥମ ମ୍ୟାଚ ସାଉନ୍ତପୁର ଏଫ୍‌ସି ବନାମ ତୁରେକେଲା ଏଫ୍‌ସି ଓ ଦ୍ୱିତୀୟ ମ୍ୟାଚ ପାଟଣାଗଡ ଏଫ୍‌ସି ବନାମ ଜରାସିଂହା ଏଫ୍‌ସି ମଧ୍ୟରେ ହେବ ବୋଲି ଆୟୋଜନ କମିଟିର ଆବାହକ ତଥା ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ ସୁଚନା ଦେଇଛନ୍ତି।

# ନୂଆ ସରକାରୀ ବସଷ୍ଟାଣ୍ଡର ଷ୍ଟଲ ଓ ହୋଟେଲକୁ ଟେଣ୍ଡର ମାଧ୍ୟମରେ ଦିଆଯିବ

ଜୟପୁର, ୧୭/୧ (ନି.ପ୍ର): ନୂଆ ସରକାରୀ ବସଷ୍ଟାଣ୍ଡରେ ଷ୍ଟଲ ଓ ହେଟେଲକୁ ଟେଣ୍ଡର ମାଧ୍ୟମରେ ଦିଆଯିବା ନେଇ ନିଷ୍ପତି ହୋଇଛି । ଏନେଇ ଆଜି ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡି,ଏସଡିପିଓ ଅଙ୍କିତ କୁମାର ବର୍ମା, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ତହସିଲଦାର ସବ୍ୟସାଚି ଜେନା, ଡିଟିଏମ, ଆଇଟିଓ ,ମିଶନ ଶକ୍ତିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ନୂଆ ସରକାରି ବସଷ୍ଟାଣ୍ଡରେ ୩୦ଟି ଷ୍ଟଲ ଓ୨ଟି ହୋଟେଲ ନେଇ ଆଲୋଚନା କରାଯାଇଥିଲା । ଟେଣ୍ଡର ମାଧ୍ୟମରେ ପ୍ରଦାନ କରାଯିବ । ଟେଣ୍ଡର ପେପେର କେତେ ଟଙ୍କା ରଖାଯବ, ସିକ୍ୟୁରିଟି ଡିପୋଜିଟ କେତେ ରଖାଯିବ ଏନେଇ ଆଲୋଚନା କରାଯାଇଥିଲା । ଏହା ସହ ୨ଟି ହୋଟେଲ ରହିଛି । ଗୋଟିଏ ହୋଟେଲ ଏସଏଚଡି ଗ୍ରୁପ ଓ ଅନ୍ୟଟି ଦିବ୍ୟାଙ୍ଗଙ୍କୁ ଦେବା ନେଇ ନିଷ୍ପତି ହୋଇଥିବା ଜଣାଯାଇଛି ।

## ପିତଳରେ ଆୟୁଷ୍ମାନ ଆରୋଗ୍ୟ ଶିବିର

ଗଞ୍ଜାମ, ୧୭/୧ (ନି.ପ୍ର): ଗଞ୍ଜାମ ଜିଲା ଶେରଗଡ ବ୍ଲକର ପିତଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେଂଦ୍ରରେ ଜନଆରୋଗ୍ୟ ସମିତି ପକ୍ଷରୁ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଡାକ୍ତର ମାନସ ରଂଜନ ବିଷୋଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି ।ବରିଷ୍ଠ ସାମ୍ବାଦିକ ତଥା ବ୍ରହ୍ମପୁର ଡକ୍ଟରସ୍ ଫୋରମ ର ପୂର୍ବତନ ସଂପାଦକ ଡାକ୍ତର ହୃଷୀକେଶ ମହାନ୍ତି ଏଥିରେ ଅତିଥି ରୂପେ ଯୋଗଦେଇ ଥିଲେ । ପିତଳ, ତହଁର, ସନ୍ତୋଷ ପୁର, କାଂଜିଆମା, ଚଷାପିତଳ, ପିତଳ, ପାକିଡି, ରାୟସଂହପୁର, ବ୍ରାହ୍ମଣ ଛାଇ ପ୍ରଭୃତି ଗ୍ରାମ ରୁ ଆସିଥିବା ରୋଗୀକଂର ଚିକିତ୍ସା, ବିଭିନ୍ନ ପରିକ୍ଷା କରିମାଗଣାରେ ଔଷଧ ବିତରଣ କରାଯାଇଥିଲା । ଶିବିର ପରିଚାଳନାରେ ଆୟୁଷ ଡାକ୍ତର ଦେବାଶିଷ ଶତପଥୀ, ଫାର୍ମାସୀ ଅଧିକାରୀ ବସନ୍ତ କୁମାର ସୁବୁଦ୍ଧି, ଏଲ୍ ଟି ପ୍ରତିଓ୍ୱାସାହୁ, ହସପିଟାଲରେ କର୍ମଚାରୀ ପଂଚାନନ ଗୌଡ,ଶରତଚନ୍ଦ୍ର ପଟନାୟକ, ରୋହିତ ନାୟକ,ଦୟାନିଧି ସାହୁ ହରିବଂଧୁ ନାୟକ ପ୍ରମୁଖ ସହଯୋଗ କରିଥିଲେ । ପ୍ରତି ମାସରେ ଏ ଧରଣର ଶିବିର ଅନୁଷ୍ଠିତ ହେବା ଫଳରେ ରୋଗୀ ମାନେ ବିଭିନ୍ନ ଚିକିତ୍ସା ସୁବିଧା ପାଇବାସହ ଜନସାଧାରଣଙ୍କ ସରକାରୀ ଡାକ୍ତର ଖାନା ପ୍ରତି ଆଗ୍ରହ ସୃଷ୍ଟି ହେଉଥିବା ଜଣାପଡ଼ିଛି ।

# ଯୁବନେତା ଦିଲ୍ଲୀପ ସାହୁଙ୍କ ବିୟୋଗ

କେନ୍ଦ୍ରାପଡ଼ା, ୧୭/୧ (ନି.ପ୍ର): କେନ୍ଦ୍ରାପଡାର ଯୁବନେତା ଦିଲ୍ଲୀପ ସାହୁ (ବିଜୁ)ଙ୍କ ୪୯ବର୍ଷ ବୟସରେ ବିୟୋଗ ହୋଇଯାଇଛି । ସେ ହୃଦ୍‌ଘାତ ରୋଗରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ବୁଧବାର ରାତି ୪ଟାରେ ତାଙ୍କର ଦେହାନ୍ତ ହୋଇଯାଇଥିଲା । ଏହି ଦୁଃଖଦ ଖବର ପାଇ ଗୁରୁବାର ପୂର୍ବାହ୍ନରେ କେନ୍ଦ୍ରାପଡା ସହରସ୍ଥ ତିନିମୁହାଣି ଛକରେ ଏବଂ ତାଙ୍କ ବାସଭବନ ଗୁଲନଗରଠାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ବିଜେଡି ନେତା ରଞ୍ଜିତ୍ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଶିବପ୍ରସାଦ ଭଳ, ସରୋଜ ସାହୁ, ପ୍ରଦୀପ୍ତ ମହାନ୍ତି, ଜିଲ୍ଲା ବିଜେଡି ସଭାପତି ଧିରେନ୍ ସାହୁ, କେନ୍ଦ୍ରାପଡା ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଯୁବନେତା ରାଜୁ କୁବେର, ରାଜେଶ ପଣ୍ଡା, ହିରଣ୍ୟ ପଣ୍ଡା, ସାମ୍ବାଦିକ ପରେଶ ଦାସ, ମନୋରଞ୍ଜନ ନାୟକ, ରବି ସାହୁ, ସୁବ୍ରତ ସାହୁ, ବିବେକ ମହାରଣା, ରାକେଶ ବାରିକ, ନରେନ୍ଦ୍ର ପାତ୍ର, ଜୟଦୂର୍ଗା କ୍ଲବର ସଦସ୍ୟମାନେ ତାଙ୍କ ମର ଶରୀରରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଦିଲ୍ଲୀପ ଜଣେ ମିଷ୍ଟଭାଷୀ, ଅମାୟିକ, ପରୋପକାରୀ ଯୁବନେତା ଭାବେ ସମସ୍ତଙ୍କର ଆଦରର ମଣିଷ ଥିଲେ। ଦୀର୍ଘଦିନ ଧରି ଅଣକଂଗ୍ରେସ ରାଜନୀତିରେ ସକ୍ରିୟ ରହି ଗୁଲନଗର ଗ୍ରାମ ପଂଚାୟତର ବହୁବିଧ ବିକାଶରେ ପ୍ରମୁଖ ଭୂମିକା ନେଇଥିଲେ। ତାଙ୍କ ଅକାଳ ବିୟୋଗ କେନ୍ଦ୍ରାପଡା ଏକ ଉଦୀୟମାନ ଯୁବନେତାଙ୍କୁ ହରାଇଲା ବୋଲି ବିଧାୟକ ଶ୍ରୀ ବେହେରା ତାଙ୍କ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି ।

# ମଧ୍ୟାହ୍ନ ଭୋଜନରେ ମିଳିବ କ୍ଷୀରଗିଫ୍ଟ ମିଲ୍କ ଯୋଜନାରେ ଜଣେ ଶିକ୍ଷାର୍ଥୀଙ୍କୁ ୨ଶହ ମିଲି କ୍ଷୀର

ଜୟପୁର, ୧୭/୧ (ନି.ପ୍ର): ପୁଷ୍ଟିକର ହେବ ମଧ୍ୟାହ୍ନ ଭୋଜନ। ରାଜ୍ୟର ପ୍ରତ୍ୟେକ ସ୍କୁଲ ପିଲାଙ୍କୁ ଏଣିକି ପ୍ରତିଦିନ ୨୦୦ ମିଲି ଲିଟର (ଏମଏଲ) କ୍ଷୀର ଦିଆଯିବ। ଗିଫ୍ଟ ମିଲ୍କ ଯୋଜନାରେ ଏହା ଯୋଗାଇ ଦିଆଯିବ। ଆଜି ଶିକ୍ଷାବିଭାଗ ଓ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଏକ ଭିଡିଓ କନ ଫିରେନ୍ସ ମାଧ୍ୟମରେ ଆଲୋଚନା ହୋଇଛି। ଏଣିକି ପିଲା ମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବା ପାଇଁ ଚର୍ଚ୍ଚା ହୋଇଥିଲା। ରାଜ୍ୟ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଓମଫେଡ ଓ ନାସନାଲ ଡାଏରୀ ଡେଭଲପମେଣ୍ଟ ବୋର୍ଡ ର ସହଯୋଗ ରେ ଛାତ୍ର ଛାତ୍ରୀଙ୍କୁ ଏହି କ୍ଷୀର ଦିଆଯିବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଭିଡିଓ କନଫ୍ରେନସ ରେ ସୂଚନା ଦେଇଛନ୍ତି। ଆଗାମୀ ଦିନର ସମସ୍ତ ଶିକ୍ଷା ବିଭାଗ ମାନଙ୍କୁ ଚିଠି କରାଯିବ ଏବସ ଜାନୁଆରୀ ମାସରେ ସମସ୍ତ ବିଦ୍ୟାଳୟ ମାନଙ୍କରେ କ୍ଷୀର ପ୍ରଦାନ କରାଯିବ ବୋଲି ଆଜି ଆଲୋଚନା ହୋଇଥିଲା। ଏପରିକି କିଛି ଅଧିକାରୀ ମାନେ ଖାଇବା ଖାଦ୍ୟରେ ଲେମ୍ବୁ ଓ ମାଣ୍ଡିଆ ପୃଷ୍ଟିକର ଖାଦ୍ୟ ଦେବା ପାଇଁ କହିଥିଲେ କିନ୍ତୁ ସର୍ବସମ୍ମତି କ୍ରମେ କ୍ଷୀର ଦିଆଯିବ ବୋଲି ନିଷ୍ପତି ନିଆଯାଇଥିଲା।

ଜୟପୁର ବ୍ଲକରେ ୧୩୪ଟି ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ୭୦ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୩୩ଟି ଉଚ୍ଚବିଦ୍ୟାଳୟ ଭଳି ମୋଟ ୨୩୭ ଟି ବିଦ୍ୟାଳୟ ରହିଛି। ସମସ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ସଂଖ୍ୟା ହେଲା ୨୨୪୨୩ ଜଣ। ଯେତେ ସବୁ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ରହିଛି ସେହି ବିଦ୍ୟାଳୟରେ ରାଜ୍ୟ ସରକାର ପିଏମ ପୋଷଣ କାର୍ଯ୍ୟକ୍ରମରେ ମଧ୍ୟାହ୍ନ ଭୋଜନ ଯୋଗାଇ ଦେଉଛନ୍ତି। ମଧ୍ୟାହ୍ନ ଭୋଜନର ସୋମବାର ଓ ଗୁରୁବାର ଭାତ ଡାଲମା, ମଙ୍ଗଳବାର ଓ ଶୁକ୍ରବାର ଭାତ ଓ ସୋୟାବିନ ତରକାରୀ, ବୁଧବାର ଓ ଶନିବାର ଭାତ ଓ ଅଣ୍ଡା ତରକାରୀ ଦିଆଯାଉଛି। ତେବେ ବଜାର ଦରଦାମକୁ ଲକ୍ଷ କରି ଗତ ନଭେମ୍ବର ୧୪ ତାରିଖରେ ରାଜ୍ୟ ସରକାର ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୧ଟଙ୍କା ଲେଖାଏଁ ବୃଦ୍ଧି କରିଛନ୍ତି। ଯାହା ଫଳରେ ପ୍ରାଥମିକ ବିଦ୍ୟାଳୟର ଜଣେ ପିଲା ପିଛା ୭ଟଙ୍କା ୬୪ ପଇସା ଏବସ ଉଚ୍ଚ ପ୍ରାଥମିକ ପିଲା ପିଛା ୧୦ ଟଙ୍କା ୯୪ ପଇସା ଗତ ଡିସେମ୍ବର ୧ ତାରିଖରୁ ପ୍ରଦାନ କରାଯାଉଛି ବୋଲି ବିଇଓ ଚନ୍ଦନ ନାୟକ ପ୍ରକାଶ କରିଛନ୍ତି। ମଧ୍ୟାହ୍ନ ଭୋଜନରେ କ୍ଷୀର ଯୋଗାଇଦେବାକୁ ସରକାରଙ୍କ ନିଷ୍ପତ୍ତିକୁ ଓଡିଶା ଦୁଗ୍ଧ ଚାଷୀ ମହାସଙ୍ଘ ସ୍ୱାଗତ କରିଛନ୍ତି। ଏହା ଦ୍ୱାରା ମହିଳା ଓ ଶିଶୁଙ୍କ ମଧ୍ୟରେ ଦେଖାଯାଉଥିବା ଅପପୃଷ୍ଟି ଓ ରକ୍ତହୀନତା ଦୂର କରାଯାଇପାରିବ। ଏଥିସହ ଗ୍ରାମାଂଚଳରେ ଅଧିକରୁ ଅଧିକ ଲୋକଙ୍କୁ ଡାଏରୀ ଫାର୍ମ ସ୍ଥ କରିଆରେ ରୋଜଗାରର ସୁଯୋଗ ମିଳିବ। ଏଥିସହ ଓମଫେଡ ଲାଭକାରୀ ସମ୍ପସ୍ଥାରେ ପରିଣତ ହେବ।

# ଉଦ୍ଦୀପନା ଶକ୍ତି ଉତ୍ତୋଳନ ସଂଘ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

କୋରାଇ, ୧୭/୧ (ନି.ପ୍ର): ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଉଦ୍ଦିପନା ଶକ୍ତି ଉତୋଳନ ସଂଘ ଯାଜପୁର ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପାଣିକୋଇଲି ଥାନା ସମ୍ମୁଖରେ ଆଜି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ସମ୍ମାନୀତ ଅତିଥି ଭାବେ ପାଣିକୋଇଲି ଥାନା ସବ୍‌ଇନ୍ସପେକ୍ଟର ବିଶ୍ୱରଂଜନ ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସଂଘର ଉପଦେଷ୍ଟା ଆଲୋକ କୁମାର ମହାନ୍ତି ଓ ସମ୍ପାଦକ ରଂଜନ କୁମାର ବଳ ସଡ଼କ ସୁରକ୍ଷା ସପ୍ତାହ ପାଳନର ଆବଶ୍ୟକତା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଦସ୍ୟ ସନତ କୁମାର ଜେନା, ତପନ କୁମାର ନାୟକ, ଶିବାଶିଷ ଜେନା, ଜଗବନ୍ଧୁ ମଲ୍ଲିକ, ମନୋଜ ପରିଡ଼ା, ସଦାଶିବ ମହାଳିକ, ଅମିତ କୁମାର, ହିମାଂଶୁ ନାୟକ, ସିଦ୍ଧାନ୍ତ ନାୟକ, ଚିତରଂଜନ ମହାପାତ୍ର, ସେକ ଅବତାବ ଅଲ୍ଲୀ, ଆକାଶ କୁମାର, ପ୍ରଜ୍ଞାପ୍ରଭା ସାହୁ, ବନିତା ସ୍ୱାଇଁ ପ୍ରମୁଖ ହେଲମେଟ ପିନ୍ଧନ୍ତୁ ସୁରକ୍ଷିତ ରୁହନ୍ତୁ, ବାଇକ ଚଳାଇବା ବେଳେ ମୋବାଇଲ ବ୍ୟବହାର ନକରିବା, ଗାଡ଼ି ଚାଳନାବେଳେ ନିଶାସକ୍ତ ନହେବା ଆଦି ସଚେତନତା ପ୍ଲାକାର୍ଡ଼ ଧରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକମାନଙ୍କୁ ଗୋଲାପ ଫୁଲ ଏବଂ ପୁସିଂଗ କାର୍ଡ଼ ଦେଇ ସଡ଼କ ସୁରକ୍ଷା ଉପରେ ଏକ ଅଭିନବ ଉପାୟରେ ବାର୍ତ୍ତା ଦେଇଥିଲେ। ଯେଉଁମାନେ ହେଲମେଟ ବ୍ୟବହାର କରିଥିଲେ ସେମାନଙ୍କୁ ଧଳା ଫୁଲ ଓ ଯେଉଁମାନେ ହେଲମେଟ ବ୍ୟବହାର କରିନଥିଲେ ସେମାନଙ୍କୁ ଲାଲ ଗୋଲାପ ଫୁଲ ଦେଇ ଲୋକଙ୍କୁ ସଚେତନ କରାଇଥିଲେ। ସଚେତନତା କରାଇବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ଏବଂ ଦୁଃଖି, ଅସହାୟମାନଙ୍କୁ ସାହାଯ୍ୟ କରିବା ପାଇଁ ସଂଘ ଆଗେଇ ଆସିବ ବୋଲି ସଂଘର ସମ୍ପାଦକ ଶ୍ରୀ ବଳ ସୂଚନା ଦେଇଥିଲେ।

# ତୃତୀୟ ଜିଲ୍ଲାସ୍ତରୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ : ମେଡିଆ ଏକାଦଶ ଚମ୍ପିଆନ

କେନ୍ଦ୍ରାପଡ଼ା, ୧୭/୧ (ନି.ପ୍ର): କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଦ୍ୱିଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଂଟ ବୁଧବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟ ଫାଇନାଲ ମ୍ୟାଚରେ ପୋଲିସ ଏକାଦଶକୁ ହରାଇ ମେଡିଆ ଏକାଦଶ(ବି) ଚମ୍ପିଆନ ହୋଇଛି । ମେଡିଆ ଏକାଦଶ(ବି) ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ୧୦ ଓଭରରେ ୧୧୯ରନ କରିଥିଲେ । ଏହାର ଜବାବରେ ପୋଲିସ ଏକାଦଶ ଟିମ ୧୦ଓଭର ବ୍ୟାଟିଂ କରି ୮୬ରନ କରିଥିଲେ । ଯାହାଫଳରେ ୩୩ରନରେ ମେଡିଆ ଏକାଦଶ(ବି) ବିଜୟୀ ହୋଇଥିଲା । ଏହି ଖେଳରେ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ କହିଲେ ଯେ ଏହି ଖେଳ ଏକ ବନ୍ଧୁତ୍ୱପୂର୍ଣ୍ଣ ଖେଳ । ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଜନ ସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଏହି ଖେଳ କରାଯାଇଥିଲା । ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିବାରୁ ସମସ୍ତ ଖେଳାଳୀମାନଙ୍କୁ ଧନ୍ୟବାଦ ଦେଇଥିଲେ । ଏହାପରେ ଅତିଥିମାନେ ଖେଳାଳୀ ମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳରେ ମ୍ୟାନ ଅଫ ମ୍ୟାଚ ମେଡିଆ ଏକାଦଶର ଅନିରୁଦ୍ଧ ସ୍ୱାଇଁ ଓ ବେଷ୍ଟ ବ୍ୟାଟମ୍ୟାନ ପ୍ରଦ୍ୟୁମ୍ନ ସାହୁ, ମ୍ୟାନ ଅଫ ସିରିଜ ପୋଲିସ ଏକାଦଶର ସୌମ୍ୟ ନାୟକ ଓ ବେଷ୍ଟ ବୋଲର ଭାବେ ମହେଶ ମହାନ୍ତିଙ୍କୁ ଚୟନ କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା। ସୂଚନା ଯୋଗ୍ୟ ଯେ ସେହି ଦିନ ପ୍ରଥମ ସେମିଫାଇନାଲ କେନ୍ଦ୍ରାପଡା ପୋଲିସ ଏକାଦଶ ଟିମ୍ ଓ ଜିଲ୍ଲା ଆଡ୍‌ମିନିଷ୍ଟ୍ରେଟର୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ପୋଲିସ ଏକାଦଶ ଟିମ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ଜିଲ୍ଲା ମିଡିଆ ଟିମ୍ (ଏ) ଓ ଜିଲ୍ଲା ମିଡିଆ ଟିମ୍ (ବି) ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ମିଡିଆ ଟିମ୍ (ବି) ବିଜୟୀ ହୋଇଥିଲା। ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ଟି ଦଳ ଭାଗ ନେଇଥିଲେ । ଏହି ମ୍ୟାଚ୍ ସନ୍ଧ୍ୟା ସାଢେ ୫ଟାରୁ ଆରମ୍ଭ ହୋଇ ରାତି ୧୨ଟାରେ ଶେଷ ହୋଇଥିଲା । ଅମ୍ପେଆର ଭାବରେ ଏସକେ ଆଲମ୍ ଓ ଦେବାଶିଷ ପ୍ରିୟବ୍ରତ ଜେନା ପରିଚାଳନା କରିଥିବା ବେଳେ ସଭାପତି ଶୈଳେନ୍ଦ୍ର ନାରାୟଣ ପ୍ରଧାନ, ସମ୍ପାଦକ ସୌଭାଗ୍ୟ ରଞ୍ଜନ ଦାସ, ଜ୍ୟୋତିର୍ମୟୀ ଦାସ, ବରଦାକାନ୍ତ ବରାଳ, ଦିବ୍ୟରଞ୍ଜନ ବେହେରା, ବିବେକାନନ୍ଦ ନାୟକ, ସୂର୍ଯ୍ୟ ନାରାୟଣ ବେହେରା, ସୁଦାମ ଚରଣ ମଲ୍ଲିକ, କ୍ଷିରୋଦ କୁମାର ନନ୍ଦି ପ୍ରମୁଖ ସହଯୋଗ କରିଥିଲେ।

# ହାଇକୋର୍ଟଙ୍କ ଛାଟ: ଦୁଇ ସପ୍ତାହ ମଧ୍ୟରେ ସବୁ ଇଟାଭାଟି ବନ୍ଦ କରିବାକୁ ନିର୍ଦ୍ଦେଶ



ନୀଳଗିରି, ୧୭/୧ (ନି.ପ୍ର): ଇକୋ ସେନସ୍ଟିଭ ଜୋନରେ ସମସ୍ତ ବେଆଇନ୍ ଇଟାଭାଟି ଅଞ୍ଚଳ ଗୁଡିକର ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବାକୁ ଓଡ଼ିଶାର ମାନ୍ୟବର ହାଇକୋର୍ଟ ଗତ ୧୬/୧/୨୫ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ସୂଚନା ମୁତାବକ ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟର ଇକୋ ସେନସ୍ଟିଭ ଜୋନ ମଧ୍ୟରେ ବର୍ଷବର୍ଷ ଧରି ବେଆଇନ୍ ଚୀମିନି ଇଟାଭାଟି ଚାଲିଆସୁଥିଲା। ନୀଳଗିରି ତହସିଲ ପ୍ରତିବର୍ଷ ଏସବୁ ଭାଟି ଗୁଡିକ ଉପରେ ପେନାଲ୍ଟି ଓ ରୟାଲ୍ଟି ଆଦାୟ କରି ଓଲଟା ପ୍ରୋତ୍ସାହନ ଦେଇ ଆସୁଥିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏନେଇ ଘୋର ବିବାଦ ହେବାପରେ ପ୍ରଶାସନ ପକ୍ଷରୁ ସେନସ୍ଟିଭ ଅଞ୍ଚଳରୁ ବେଆଇନ୍ ଇଟାଭାଟି ବନ୍ଦ କରିବାକୁ ଅର୍ଣ୍ଣାଭିଡ଼ିଥିଲେ। ପ୍ରଶାସନ ପକ୍ଷରୁ ଏନେଇ ୨୦୨୩ ମସିହାରେ କାର୍ଯ୍ୟାନୁଷ୍ଠନ ସ୍ୱରୂପ ନୟାପାଟଣା ଗ୍ରାମର ଇଟାଭାଟି ମାଲିକ ହରିଶ ଚନ୍ଦ୍ର ଜେନାଙ୍କ ମାମା ଇଟାଭାଟିକୁ ଭାଙ୍ଗି ଦେଇଥିଲେ। ମାତ୍ର ଉକ୍ତ ଅଂଚଳରେ ଗଢି ଉଠିଥିବା ଅନ୍ୟ ବେଆଇନ୍ ଇଟାଭାଟି ଭଙ୍ଗା ଯାଇନଥିବାରୁ ସଂପୃକ୍ତ ମସିହାରେ ହରିଶ ଚନ୍ଦ୍ର ଜେନା ମାନ୍ୟବର ହାଇକୋର୍ଟରେ ୨୩୪୨୦ ନଂ ଏକ ରିଟ ପିଟିସନ ଦାଖଲ କରାଯାଇଥିଲା। ତାଙ୍କର ଇଟାଭାଟିକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦେଇଥିବା ବେଳେ ଉକ୍ତ ସେନସ୍ଟିଭ ଜୋନ ଅଞ୍ଚଳରେ ଅନ୍ୟ ବେଆଇନ୍ ଇଟାଭାଟି କାହିଁକି ଭଙ୍ଗା ନଯିବ ବୋଲି ନ୍ୟାୟ ପାଇଁ ମାନ୍ୟବର ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇଥିଲେ।ପରେ ୨୦୨୪ମସିହା ଅକ୍ଟୋବର ୪ତାରିଖରେ ଅନ୍ୟ ଇଟାଭାଟି ମାଲିକମାନେ ଏକ ମଧ୍ୟବର୍ତ୍ତୀ କାଳୀନ ଦରଖାସ୍ତ କରି ୨୦୨୫ମସିହା ଜୁଲାଇ ମାସ ଶେଷ ପର୍ଯ୍ୟନ୍ତ ଇଟାନିର୍ମାଣ କରିବାକୁ ଅନୁରୋଧ କରାଯାଇଥିଲା। ଉଭୟପକ୍ଷ ଆବେଦନକୁ ବିଚାର କରି ଓଡ଼ିଶା ହାଇକୋର୍ଟର ମାନ୍ୟବର ବିଚାରପତି ଏସ.କେ ପାଣିଗ୍ରାହୀ ଜାନୁଆରୀ ୧୬ତାରିଖ ଇକୋ ସେନସ୍ଟିଭ ଅଞ୍ଚଳରୁ ସମସ୍ତ ଇଟାଭାଟିକୁ ଦୁଇସପ୍ତାହ ସମ୍ପୂର୍ଣ୍ଣ ବନ୍ଦକରିବା ସହିତ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେବା ସହିତ ଦୁଇସପ୍ତାହ ମଧ୍ୟରେ ଅଞ୍ଚଳରୁ ସଂପୃକ୍ତ ଭାଟି ହଟାଯାଇନଥିଲେ ବାଲେଶ୍ୱର ଜିଲ୍ଲାପାଳ କ୍ଷମତା ପ୍ରୟୋଗ କରି ସ୍ୱଚ୍ଛ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ୧୯୭ ଜଣ ଯୁବକ ଯୁବତୀଙ୍କୁ ପରାମର୍ଶ ଦେଲେ ତାଲିମ ପ୍ରଦାନକାରୀ ସଂସ୍ଥା

ସୁବର୍ଣ୍ଣପୁର, ୧୭/୧ (ନି.ପ୍ର): ଜିଲ୍ଲା ପ୍ରସାଶନ ଓ ଜିଲ୍ଲା ଦକ୍ଷତା ବିକାଶ-ତଥା-ନିୟୋଜନ କାର୍ଯ୍ୟାଳୟ ର ମିଳିତ ଆନୁକୁଲ୍ୟରେ ସୁବର୍ଣପୁର ଜିଲ୍ଲାର ତରଭା ବ୍ଲକ ପରିସରରେ ଜିଲ୍ଲା ଦକ୍ଷତା ବିକାଶ-ତଥା-ନିୟୋଜନ ଅଧିକାରୀ ଶ୍ରୀମତୀ ସଞ୍ଜୁ କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ଯୁବକ ଓ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ତରଭା ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ତରଭା ବ୍ଲକ ଅଧ୍ୟକ୍ଷ ଶ୍ରୀ ସରୋଜ କଁର୍ମ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ମାନ୍ୟବର ସାଂସଦ(ଲୋକସଭା) ବଲାଙ୍ଗୀରଙ୍କ ବ୍ଲକ ପ୍ରତିନିଧି ଶ୍ରୀ ନରେଶ ଷଣ୍ଢ ଯୋଗଦାନ କରି ଯୁବକ ଯୁବତୀଙ୍କୁ ଏହାର ଉଚିତ ସୁଯୋଗ ନେବା ସହ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। କନିଷ୍ଠ ନିୟୋଜନ ଅଧିକାରୀ ସନ୍ତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ସେଫଏଜୁକେଟ ଲର୍ନିଙ୍ଗ ପ୍ରା. ଲିମିଟେଡ୍, ଆବିଓ୍ୱେଷ୍ଟ ସର୍ଭିସେସ ଲିମିଟେଡ, ବ୍ଲାକ ପାନ୍ଥର, ଏନସିଏଟି ସ୍କିଲ ଇଣ୍ଡିଆ, ଏସଆଇଏଚଏମ ବଲାଙ୍ଗୀର , ଏସ ବି ଆର ଏସ ଇ ଟି ଆଇ , ସରକାରୀ ଆଇ ଟି ଆଇ ଏବଂ ସରକାରୀ ପୋଲିଟେକନିକ ସୁବର୍ଣ୍ଣପୁର, ସାହି ଏକ୍ସପୋର୍ଟ ପ୍ରା. ଲିମିଟେଡ୍, ଗୋକଲ ଦାସ ଏକ୍ସପୋର୍ଟ ଲିମିଟେଡ୍ ପ୍ରଭୃତି ବିଭିନ୍ନ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗଦାନ କରି ଶିବିରରେ ଯୁବକ ଯୁବତୀଙ୍କୁ ପରାମର୍ଶ ପ୍ରଦାନ କରିଥିଲେ।

# କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍ଯାପିତ




ବେତନଟୀ , ୧୭/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା କୃଷ୍ଣଚନ୍ଦ୍ର ପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଡଃ ମନ୍ଦାକିନୀ ସାହୁ ସଭାପତିତ୍ୱ ରେ ଏହି ଉଦଯାପନ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କାର୍ଯ୍ୟରତ ଅଧକ୍ଷା ଭବେନ୍ଦ୍ର କୁମାର ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଉଦ୍ଭିଦ ବିଜ୍ଞାନ ବିଭାଗ ଅଜିତ କୁମାର ବେହେରା,ସମ୍ମାନୀତ ଅତିଥି ଭାବେ ଅଧାପକ ପ୍ରାଣୀ ବିଜ୍ଞାନ ବିଭାଗ ଶ୍ରୀକାନ୍ତ ଦାସ, ସଂଯୋଜିକା ଭାବେ ଅଧାପକ ଇତିହାସ ବିଭାଗ ଓ ଭୂପାଳ ଚନ୍ଦ୍ର ପ୍ରଧାନ, ଅଧାପକ ରସାୟନ ବିଜ୍ଞାନ ବିଭାଗ ଶ୍ରୀମତୀ ତପତୀ ତପସ୍ୱିନୀ ଆଚାର୍ଯ୍ୟ, ଡେମୋନଷ୍ଟ୍ରେଟର ପଦାର୍ଥ ବିଜ୍ଞାନ ବିଭାଗ ପ୍ରଶିକ୍ଷିକା ଭାବେ କରିସ୍ମା ଖାତୁନ୍ ଓ ମଞ୍ଚ ପରିଚାଳନା ଜିତନ୍ ସିଂ ସେକାବତ୍ ଅଲ୍ଲୀ କରିଥିଲେ। ଗଜେନ୍ଦ୍ର ପ୍ରସାଦ ବେହେରା, ସଞ୍ଜିତ କୁମାର ଦାସ୍, ଭରତ ଚନ୍ଦ୍ର ସି, ଅଭୟ କୁମାର ସେନାପତି, ମନୋହର ବେହେରା, ବିଷ୍ଣୁ ନାରାୟଣ ଜେନା, ଭବାନୀ ଶଙ୍କର ମହାନ୍ତ, ଇନ୍ଦିରା ମହାନ୍ତ, ବସନ୍ତ ବାରିକ, ଉମାକାନ୍ତ ବେହେରା, ସର୍ବେଶ୍ୱର ପରିଡା, ବୈଲୋଚନ ମହାନ୍ତ, ଲକ୍ଷ୍ମୀକାନ୍ତ ମହାନ୍ତ, ଲଳିତ ନାରାୟଣ ମହାନ୍ତ, ବିନତା ମହାନ୍ତ, ମନମୋହନ ମହାନ୍ତ ଅଧାପକ ଇଂରାଜୀ ବିଭାଗ କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ୱିଜ୍ ଓ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା



ଭଦ୍ରକ , ୧୭/୧ (ନି.ପ୍ର): ଆଗାମୀ ସାଧାରଣତନ୍ତ୍ର ଦିବସ ୨୦୨୫ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି କ୍ରମେ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଭବନରେ ଦେଶାତ୍ମବୋଧକ ସଙ୍ଗୀତ ଓ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ କାର୍ଯ୍ୟକ୍ରମର ପୃଷ୍ଠପୋଷକ ଭାବେ ସାଲନ୍ଦୀ ହସ୍ପିଟାଲ ଓ ସାଲନ୍ଦୀ ନର୍ସିଂ ସ୍କୁଲର ସତ୍ତ୍ୱାଧିକାରୀ ଡା. ପ୍ରଭାସ ଚନ୍ଦ୍ର ମହାନ୍ତି ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ମିଳିତ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳନା କରାଯାଇଥିଲା। ସଙ୍ଗୀତ ପ୍ରତିଯୋଗିତାରେ ବିଚାରକ ଭାବେ ରାମନାରାୟଣ ମହାନ୍ତି, ସୁମତୀ ପଣ୍ଡା, ନିର୍ମଳ ରାଉତ, ସୀତାକାନ୍ତ ଦାସ, ବିଭୂତି ଭୂଷଣ ନାୟକ ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। କନିଷ୍ଠ ବର୍ଗରେ ଜ୍ୟୋତି କନଭେଣ୍ଟ ସ୍କୁଲର ସମୀକ୍ଷା ନାୟକ ୧ମ, ଏସ୍.ବି.ଡ଼ି. ଇଣ୍ଟର ନ୍ୟାସନାଲ ସ୍କୁଲର ଓଜସ୍ୱିତା ମହାପାତ୍ର ୨ୟ, ଏନ୍.ଅର୍.ଆଇ. ଇଣ୍ଟର ନ୍ୟାସନାଲ ସ୍କୁଲର ସଗୁନ ସେଣ୍ଟ ୩ୟ ସ୍ଥାନ ନେଇଥିଲାବେଳେ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ହିମାଦ୍ରୀ ତନୟା ପଣ୍ଡା ୧ମ, ଏସ୍.ବି.ଡ଼ି. ର ପ୍ରାର୍ଥନା ପାଣିଗ୍ରାହୀ ୨ୟ, ବାହାବଳପୁର ସରକାରୀ ହାଇସ୍କୁଲର କ୍ରୀଷ୍ଟା ବେହେରା ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି। ସମସ୍ତ ବିଜେତାଙ୍କୁ ଆସନ୍ତା ୨୬ ତାରିଖ ଦିନ ଭଦ୍ରକ କଲେଜ ପଡ଼ିଆରେ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବରେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ।

# ପିପିଏ ଦ୍ୱାରା କାର୍ଯ୍ୟଦକ୍ଷତା ରେକର୍ଡ

ପାରାଦୀପ, ୧୭/୧ (ନି.ପ୍ର): ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ୧୬.୦୧.୨୦୨୫ ରେ ୪୨ ଟି ବିଓବିଆର ରେକ୍ ଅନଲୋଡ୍ କରି ଆଉ ଏକ ରେକର୍ଡ ସୃଷ୍ଟି କରିଛନ୍ତି, ଯାହା ୧୫.୦୭.୨୦୨୨ ରେ ହାସଲ ହୋଇଥିବା ୩୯ ଟି ବିଓବିଆର ରେକ୍ ରେକର୍ଡକୁ ଅତିକ୍ରମ କରିଛି। ୧୬.୦୧.୨୦୨୫ ରେ ୪୫ ଟି ଥର୍ମାଲ କୋଇଲା ରେକ୍ ଅନଲୋଡ୍ ହୋଇଛି ଯାହା ସର୍ବାଧିକ ଏକ ଦିନରେ ଥର୍ମାଲ କୋଇଲା ଅନଲୋଡ୍ କରିବା ସଂଖ୍ୟା, ଯାହା ୧୨.୦୧.୨୦୨୫ ରେ ସମ୍ପ୍ରତି ଅନଲୋଡ୍ ହୋଇଥିବା ୪୪ ଟି ଥର୍ମାଲ କୋଇଲା ରେକ୍ ମଧ୍ୟରୁ ପୂର୍ବ ସର୍ବୋତ୍ତମକୁ ଅତିକ୍ରମ କରିଛି।

# ଜଷ୍ଟିସ ଅରିନ୍ଦମ ସିହ୍ନା ହେବେ ଓଡ଼ିଶା ହାଇକୋର୍ଟର କାମଚଳା ମୁଖ୍ୟ ବିଚାରପତି

ଭୁବନେଶ୍ୱର, ୧୭/୧ (ନି.ପ୍ର): ଓଡ଼ିଶା ହାଇକୋର୍ଟର କାମଚଳା ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କୁ ନିଯୁକ୍ତି ମିଳିଛି । ସେ ଆସନ୍ତା ୨୦ତାରିଖରୁ ଏହି ନୂଆ ଦାୟିତ୍ୱ ସମ୍ଭାଳିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ନିଯୁକ୍ତି ମିଳିବା ପରେ ଆଜି ଏନେଇ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ. ୧୯୬୫ ସେପ୍ଟେମ୍ବର ୨୨ରେ ଜନ୍ମିତ ଜଷ୍ଟିସ ସିହ୍ନା ୧୯୯୧ ମସିହା ମାର୍ଚ୍ଚ ମାସରେ ଓକିଲ ଭାବେ ପଞ୍ଜିକୃତ ହୋଇଥିଲେ । କୋଲାକାତା ହାଇକୋର୍ଟରେ ପ୍ରାୟ ୨୨ବର୍ଷ ଧରି ପ୍ରାକ୍ଟିସ କରିବା ପରେ ତାଙ୍କୁ ୨୦୧୩ ଅକ୍ଟୋବର ୩୦ତାରିଖରେ ଅତିରିକ୍ତ ଜଜ୍ ଭାବେ ନିଯୁକ୍ତି ମିଳିଥିଲା । ୨୦୧୬ ମାର୍ଚ୍ଚ ୧୪ରେ ସେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ ।

# ଅଲୋଡା ନବଜାତ ଶିଶୁପୁତ୍ରକୁ କୋଳେଇ ନେଲେ ନିଃସନ୍ତାନ ଦମ୍ପତି

ନୀଳଗିରି , ୧୭/୧ (ନି.ପ୍ର): ବିଲହୁଡାରୁ ଅଲୋଡ଼ା ନବଜାତ ଶିଶୁପୁତ୍ରକୁ ଗୋଟେଇ ଆଣି ମାତୃତ୍ୱର ପରାକାଷ୍ଠା ଦେଖାଇଲା କୁନି ହେମ୍ବ୍ରମ। ଦୀର୍ଘ ୧୫ବର୍ଷ ଧରି ବିବାହ କରିଥିଲେ ମଧ କୁନି କୋଳରେ ପିଲାଛୁଆ ନଥିଲେ। ଏଥିପାଇଁ ଅନେକ ଟଙ୍କା ଖର୍ଚ୍ଚ କରିଥିଲେ ମଧ ମାଆ ହେବାର ସୁଯୋଗ ପାଇ ନଥିଲେ। ଶେଷରେ ଭଗବାନ କୁନିକୁ ଏକ ଅଜଣା ଶିଶୁପୁତ୍ରକୁ କୋଳକୁ ଟେକିଦେଇଥିବା ନେଇ କୁନି ଭଗବାନଙ୍କୁ ଶତଶତ ପ୍ରଣାମ କରୁଛି। ସୂଚନା ଅନୁଯାୟୀ କେହିଜଣେ ଏହି ନବଜାତ ଶିଶୁପୁତ୍ରକୁ ଜନ୍ମଦେଇ ନିକଟସ୍ଥ ଏକ ବିଲହୁଡା କଡ଼ରେ ପକାଇଦେଇ ପଳାଇଯାଇଥିଲେ। ନିଳଗିରି ଏନ୍ ଏ ସି ଅଧିନସ୍ଥ ପଣ୍ଡା ଅଫିସ କ୍ରସରସାହି ଗ୍ରାମର କୁନା ହେମ୍ବ୍ରମର ସ୍ତ୍ରୀ କୁନି ଶୁକ୍ରବାର ସକାଳେ ଶୌଚପାଇଁ ନିକଟସ୍ଥ ବିଲକୁ ଯାଇଥିବା ବେଳେ ହିଡ ହୁଡ଼ାରେ ଏକ ନବଜାତ ଶିଶୁ ପୁତ୍ର ପଡ଼ିଥିବାର ଦେଖିବାକୁ ପାଇଥିଲେ। ଶିଶୁଟି ଚେତାଶୂନ୍ୟ ଅବସ୍ଥାରେ ପଡିଥିବାର ଦେଖିଲା ପରେ ସଙ୍ଗେ ସଙ୍ଗେ ଅତି ଯତ୍ନ ସହକାରେ ନିଜ ଘରକୁ ନେଇଆସିଥିଲା। ଘଟଣା ବାବଦରେ ସ୍ୱାମୀ କୁନାକୁ କହିବା ପରେ ତୁରନ୍ତ ନିଳଗିରି ମେଡ଼ିକାଲକୁ ନେଇ ଆସିଥିଲେ। ସମସ୍ତ ଘଟଣା ଡାକ୍ତରଙ୍କୁ କହିବା ପରେ ଡାକ୍ତର ନବଜାତ ଶିଶୁ ପୁତ୍ରର ଚିକିତ୍ସା କରିଛନ୍ତି। ଏବେ ଶିଶୁ ପୁତ୍ରଟି ସୁସ୍ଥ ଥିବାର ଦେଖିବାକୁ ମିଳିଛି। ଶିଶୁ ପୁତ୍ରକୁ ଯୋଶଦା ରୁପି ମାଆ କୁନି ହେମ୍ବ୍ରମ ଜଗିବସିଛି। ମୋର ପିଲାପିଲି ନଥିବାରୁ ଭଗବାନ ମୋତେ ମୋ କୂଳକୁ ପିଲାଟିଏ ଦେଇଥିବା ଯୋଗୁଁ ଭଗବାନଙ୍କୁ କୋଟିକୋଟି ଜୁହାର କରୁଛି ବୋଲି କୁନି ଭାବବିହ୍ୱଳ ହୋଇ ପ୍ରକାଶକରିଛି। ତେବେ କିଏସେହି ମାଆ। ଯିଏ ମା ହୋଇ ପିଶାଚି ସାଜି ଶିଶୁପୁତ୍ରକୁ ଜନ୍ମଦେଇ ପିଙ୍ଗି ପଳାଇଗଲା। ତେବେ ଏହା ଏକ ଅବୈଧ ସନ୍ତାନ ବୋଲି ସାଧାରଣରେ ଚର୍ଚ୍ଚାଚାଲିଛି। ଘଟଣା ଜାଣିବା ପରେ ନିଳଗିରି ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଏମସିଏଏମ କଲେଜରେ ପ୍ରୋଜେକ୍ଟ ଡିଷ୍ଟ୍ରିବ୍ୟୁସନ କର୍ମଶାଳା



ବାରିପଦା , ୧୭/୧ (ନି.ପ୍ର): ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟ୍ସ ଆଣ୍ଡ ମ୍ୟାନେଜମେଣ୍ଟର ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ବିଭାଗ ଦ୍ୱାରା ସ୍ନାତକୋତ୍ତର ଛାତ୍ର ଛାତ୍ରୀ ମାନଙ୍କ ନିମନ୍ତେ ଏକ ଦିବସୀୟ ପ୍ରୋଜେକ୍ଟ ଡିଷ୍ଟ୍ରିବ୍ୟୁସନ କର୍ମଶାଳା ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସୁଶୀଲ କୁମାର ଦତ୍ତ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କ ସହିତ ବିଷଦ ଆଲୋଚନା କରିଥିଲେ। ପ୍ରଫେସର ସୁଶୀଲ କୁମାର ଦତ୍ତ ଜଣେ ବିଶ୍ୱସ୍ତରୀୟ ପ୍ରାଣୀ ବିଜ୍ଞାନି ହୋଇଥିବାରୁ ତାଙ୍କ ଅଭିଜ୍ଞତାରୁ ଛାତ୍ରଛାତ୍ରୀ ମାନେ ବହୁଳ ଭାବରେ ଉପକୃତ ହେବେ ବୋଲି ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ କର୍ମଶାଳାରେ ମତପ୍ରକାଶ କରିଥିଲେ। ମୟୂରଭଞ୍ଜ ବାୟୋଲୋଜିକାଲ ରିସର୍ଚ୍ଚର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ପ୍ରଫେସର ସମୀର କୁମାର ସାହୁ ମୁଖ୍ୟ ବକ୍ତା ଏବଂ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟା ପ୍ରଫେସର ରୁପାମଞ୍ଜରୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଗବେଷଣା ଏବଂ ପ୍ରୋଜେକ୍ଟ କାର୍ଯ୍ୟର ସାହାଯ୍ୟ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟର ଉପାଧକ୍ଷ ପ୍ରଫେସର ସଂଘମିତ୍ରା ରାଉତ, ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଅଭିପ୍ସା ନାୟକ କର୍ମଶାଳାର ଆଭିମୁଖ୍ୟ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପିକା ଅଭିଲିପ୍ସା ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ, ଜ୍ୟୋତିପ୍ରଜ୍ଞା ପାଣିଗ୍ରାହୀ, ପ୍ରିୟମ୍ୱଦା ସାହୁ ଛାତ୍ର ରିଶିରାଜ ଆଚାର୍ଯ୍ୟ, ପ୍ରତ୍ୟୁଷ ଲେଙ୍କା କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ୬ଜଣ ପ୍ରଶିକ୍ଷିକା ୩୨୬ଜଣ ବାଳିକାଙ୍କୁ ଦେଲେ ଆତ୍ମସୁରକ୍ଷା ତାଲିମ



ଉଦଳା , ୧୭/୧ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଚଳିତ ଜାନୁଆରି ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଆଜି ୧୭ ତାରିଖ ଶୁକ୍ରବାର ଦିନ ଉଦ୍?ଯାପିତ ହୋଇଯାଇଛି । ଦିର୍ଘ ୧୨ ଦିନ ଧରି ଚାଲିଥିବା ଏହି ତାଲିମ ଶିବିରରେ ୬ଜଣ ପ୍ରଶିକ୍ଷିକା ମୋଟ ୩୨୬ ଜଣ +୨ ବାଳିକାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । ଉଦ୍ଯାପନି ଉତ୍ସବରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ଡ଼. ସୁଷମା ସାହୁ ଅଧକ୍ଷତା କରି ସାହସର ସହିତ ଜୀବନ ବଂଚିବା ଓ ସବୁପ୍ରକାର ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ଆମଭିତରେ ଦମ୍ଭ ଆତ୍ମସୁରକ୍ଷା ତାଲିମ ଭରିଦେଇଥାଏ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧାପିକା ଅନୁରାଧା କବାଟ, ଅମିତା ଦାସ, ଅଧାପକ ସୁବ୍ରତ ପାଣିଗ୍ରାହୀ ଓ ରାଜକିଶୋର ବେହେରା ପ୍ରମୁଖ ଅଂଶ ଗ୍ରହଣ କରି ଆଜାଦହିନ୍ଦ ଫୌଜରେ ଥିବା ମହିଳା ସୈନିକ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ଓ ରାଜମଣି ସରସ୍ୱତୀଙ୍କ ସାହସ ଓ ପରାକ୍ରମର ଦକ୍ଷତା ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପ୍ରଶିକ୍ଷଣ ଶିବିରର ସଂଯୋଜିକା ଅଧାପିକା ଗୁଂଜନା ଭୂୟାଁଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା । ଉଦ୍ଯାପନ ଉତ୍ସବରେ କ୍ଷୀରୋଦ ମହାନ୍ତି ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

# ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ଗଳ୍ପ ବହି ଉନ୍ମୋଚିତ




ବାଲେଶ୍ୱର, ୧୭/୧ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗ-ମୁଖ୍ୟ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ନୂତନ ଗଳ୍ପ ସଂକଳନ 'ସୂର୍ଯ୍ୟାସ୍ତର ଆଭାରେ ମାମା 'ନିଆରା ଢଙ୍ଗରେ ଉନ୍ମୋଚିତ ହୋଇଯାଇଛି। ପ୍ରଫେସର ମେହେର ଅବସର ଗ୍ରହଣ କରିବା ପୂର୍ବ ମୁହୂର୍ତ୍ତ ପର୍ଯ୍ୟନ୍ତ ଯେଉଁ ଟିକି ଝିଅଟି ସହ ଅପୂର୍ବ ମମତାର ବନ୍ଧନରେ ଆବଦ୍ଧ ହୋଇ ଯାଇଥିଲେ, ସେଇ କୁନି ଲକ୍ଷ୍ମୀ ପ୍ରତିମା ପରି ଝିଅଟି ହେଉଛି ତାଙ୍କ ବିଭାଗର ସହକର୍ମୀ ଓ କମ୍ପ୍ୟୁଟର ବିଭାଗରେ କାର୍ଯ୍ୟରତ ଡକ୍ଟର ହେମଲତା ବେହେରା ଓ ଲଳିତେନ୍ଦୁ ରାଉତଙ୍କ ପ୍ରଥମ କନ୍ୟା-ରତ୍ନ ଶ୍ରେୟାଂଶୀ। ପ୍ରଫେସର ମେହେର ତାକୁ ସମ୍ବୋଧନ କରୁଥିଲେ ମାମା ନାମରେ। ଉଭୟଙ୍କ ମଧ୍ୟରେ ଯେଉଁ ସ୍ନେହ-ବନ୍ଧନ ସୁଦୃଢ଼ ହୋଇ ଉଠିଥିଲା ତାହା ରବୀନ୍ଦ୍ରନାଥଙ୍କ ଦ୍ୱାରା ରଚିତ କାବୁଲିଓ୍ୱାଲା ଗଳ୍ପର ଦୁଇ ଚରିତ୍ର ପରି। ଗଳ୍ପଟି ପ୍ରଥମେ ଯେତେବେଳେ ପ୍ରକାଶ ପାଇଥିଲା ଶତାଧିକ ପାଠକଙ୍କ ଆଖିକୁ ତାହା ଅଶ୍ରୁସିକ୍ତ କରିଦେଇଥିଲା। ଏପରି ଅନେକ ସତ୍ୟାନୁଭୂତି ଆଧାରିତ ଗଳ୍ପଗୁଡିକର ସଂକଳନ ମାମାକୁ କେନ୍ଦ୍ର କରି ରଚିତ ଗଳ୍ପର ନାମରେ ନାମିତ ହୋଇ ପ୍ରକାଶିତ ହୋଇଛି ଅଳ୍ପ କେତୋଟି ଦିନ ତଳେ। କୌଣସି ସଭା ସମିତିର ଆୟୋଜନ ନ କରି କୌଣସି ବିଶିଷ୍ଟ ଲେଖକ ବା ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଆମନ୍ତ୍ରଣ ନ କରି ଲେଖକ ତାଙ୍କ ପ୍ରିୟ ମାମା ଦ୍ୱାରା ବହିଟିକୁ କରିଛନ୍ତି ଉନ୍ମୋଚିତ। ଉଲ୍ଲେଖନୀୟ ଯେ, ଏହି ଗଳ୍ପ ପଢି ଆବେଗରେ ଛଳ ଛଳ ହୋଇ ଉଠିଥିବା ବିଶିଷ୍ଟ ଗାଳ୍ପିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ତାଙ୍କ ଜୀବନ-ସଙ୍ଗିନୀ ଶ୍ରୀମତୀ ନିରୂପମା ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଏହା ଉତ୍ସର୍ଗୀକୃତ। ବହିଟି ବହୁ ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆମର ଆଶା। ପୁସ୍ତକ ପ୍ରକାଶନ ଅବସରରେ ଅନେକ ଛାତ୍ରଛାତ୍ରୀ ଓ ପାଠକ ପାଠିକା ପ୍ରଫେସର ମେହେରଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ଜାନୁୟାରୀ ୨୦ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୭/୧ (ନି.ପ୍ର):ଆଗାମୀ ଜାନୁଆରୀ ୨୦ ତାରିଖ(ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ-୫,ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେଏହି ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ ଏବଂ ପରବର୍ତ୍ତୀ ଅଭିଯୋଗଶୁଣାଣିରତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧମ ଜରିଆରେ ଜଣାଇ ଦିଆଯିବ ବୋଲି ରାଜ୍ୟସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଆରମ୍ଭ : ଇଗଲ କ୍ରିକେଟ କ୍ଲବ୍ ବିଜୟୀ



ଖୋର୍ଦ୍ଧା, ୧୭/୧ (ନି.ପ୍ର): ଓଡ଼ିଶା କ୍ରିକେଟ ଆସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୂଲ୍ୟ ରେ ଦ୍ୱିତୀୟ ଦିବସ ଖେଳରେ ଇଗଲ କ୍ରିକେଟ କ୍ଲବ୍ ଗୁରୁଜଙ୍ଗ ବ୍ଲୁ ବାର୍ଡ କ୍ରିକେଟ କ୍ଲବ୍ କୁ ୪୪ ରନ ରେ ପରାସ୍ତ କରିଛି। ଟସ୍ ରେ ହାରି ଇଗଲ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୦ ଓଭର ରେ ୯ ୱିକେଟ୍ ହରାଇ ୨୩୨ ରନ କରିଥିଲେ।ଦଳ ତରଫରୁ ଦିପ୍ତାନୁ ଦାସ ଅପରାଜିତ ୯୧ ରନ, ତୀର୍ଥଙ୍କର ସାହୁ ୬୦ ରନ ଓ ଯସବନ୍ତ ପ୍ରଧାନ ୨୫ ରନ ସଂଗ୍ରହ କରିଥିଲେ। ବ୍ଲୁ ବାର୍ଡ କ୍ରିକେଟ କ୍ଲବ୍ ପକ୍ଷ ରୁ ଆଶୁତୋଷ ସିଂ ୩ ଟି ଓ ସିତେଶ ବାରିକ ୨ ଟି ୱିକେଟ୍ ନେଇଥିଲେ।ଜବାବରେ ବ୍ଲୁ ବାର୍ଡ ଗୁରୁଜଙ୍ଗ ଦଳ ୩୨.୨ ଓଭର ରେ ସମସ୍ତ ୱିକେଟ୍ ହରାଇ ୧୮୮ ରନ ରେ ସୀମିତ ରହିଥିଲେ।ଦଳ ତରଫରୁ ରୁଦ୍ର ମଲ୍ଲିକ ୮୮ ରନ,ଆଶୁତୋଷ ସିଂ ୨୭ ରନ ଓ ବିସ୍ମୟ ସାହୁ ୨୩ ରନ ସଂଗ୍ରହ କରିଥିଲେ।ଇଗଲ କ୍ଲବ୍ ତରଫରୁ ତୀର୍ଥଙ୍କର ସାହୁ ୩ ଟି ଓ ଦିପ୍ତାଂସୁ ଦାସ ୨ ଟି ୱିକେଟ୍ ଅକ୍ତିଆର କରିଥିଲେ।ଖେଳକୁ ପ୍ରୀତିରଞ୍ଜନ ବିଜୟସିଂ ଓ ଅବଦୁଲ ରହିମ ଖାନ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱ ରେ ଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରୀ ଭାବେ ଓ ରୋହିତ ରଞ୍ଜନ ରାୟ ଏବଂ ଦେବପ୍ରସାଦ ସାମନ୍ତରାୟ ଏହି ମ୍ୟାଚ୍ ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ।୧୮/୦୧/୨୫ କେ ଟି ଗ୍ଲୋବାଲ କ୍ଲବ୍ ବନାମ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ହେବବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

# କୋଶମ୍ବ-୨୦୨୫ର ପଞ୍ଚମ ସନ୍ଧ୍ୟା: ନାଭ୍ୟା ଯାଇତି, ସତ୍ୟଜିତ ଓ ଶୁଭଶ୍ରୀ ଜେନାଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ବାଲେଶ୍ୱର, ୧୭/୧ (ନି.ପ୍ର): ଓଡ଼ିଆ କଳା, ସଂସ୍କୃତି ଓ ସାମୁଦାୟିକ ଭାବନାକୁ ଏକ ଜୀବନ୍ତ ଉତ୍ସବରେ ପରିଣତ କରିପାରିଥିବା ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା କୋଶମ୍ବ-୨୦୨୫ର ଆଜିଥିଲା ପଞ୍ଚମ ସନ୍ଧ୍ୟା ଓ ଆଜିର ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ମାନ୍ୟବର ଅଧକ୍ଷା, ନୀଳଗିରି ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ମାନ୍ୟବର ଅଧକ୍ଷ, ରେମୁଣା ଶ୍ରୀ ରାଜେନ୍ଦ୍ର ରାଉତ, ମାନ୍ୟବର ଅଧକ୍ଷା ରେମୁଣା ଏନଏସି ଶ୍ରୀମତୀ ତନୁଜା ଗିରି, ରେମୁଣା ଜୋନ ୩୮ର ମାନ୍ୟବର ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ବନ୍ଦିତା ନାୟକ ଓ ରେମୁଣା ଜୋନ ୩୭ର ମାନ୍ୟବର ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ କଲ୍ୟାଣୀ ବାରିକ ଯୋଗଦାନ କରିଥିଲେ । ପ୍ରଦୀପ ପ୍ରଜ୍ୱଳନ ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ମଂଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରି ଥିଲେ ଓ ଏହା ପରେ ଆଜିର ସନ୍ଧ୍ୟାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଥିଲା । ଜାତୀୟସ୍ତରର ଖ୍ୟାତିସମ୍ପନ୍ନ କଣ୍ଠଶିଳ୍ପୀ ନାଭ୍ୟା ଯାଇତି ଏବଂ ସତ୍ୟଜିତ ଓ ଶୁଭଶ୍ରୀ ଜେନା ବିସ୍ମୟକର ସଙ୍ଗୀତ ପରିବେଷଣ କରି ବାଲେଶ୍ୱରବାସୀଙ୍କୁ ଭେଟି ଦେଇଥିଲେ ଏକ ଅଭୂତପୂର୍ବ ଓ ସ୍ମରଣୀୟ ଅଭିଜ୍ଞତା। ଏହି ସଙ୍ଗୀତ ପ୍ରଦର୍ଶନୀରେ ଉଭୟ ଶାସ୍ତ୍ରୀୟ ଏବଂ ଆଧୁନିକ ହିଟ୍ ସଙ୍ଗୀତର ପ୍ରଭାବଶାଳୀ ଉପସ୍ଥାପନା ଦର୍ଶକଙ୍କ ମନକୁ ଛୁଇଁଥିଲା। ଏଥି ସହିତ ଗୋଟିପୁଅ ଓ ଛଉ ଲୋକନୃତ୍ୟକୁ ମଧ୍ୟ ଉପସ୍ଥିତ ଦର୍ଶକ ଖୁବ ଉପଭୋଗ କରିଥିଲେ । ବିଭିନ୍ନ ସାଂସ୍କୃତିକ ଷ୍ଟଲ ଓ ପ୍ରଦର୍ଶନୀକୁ ଦର୍ଶକମାନେ ଉପଭୋଗ କରୁଥିବାରୁ ଉତ୍ସବସ୍ଥଳୀ ବେଶ୍ ଜୀବନ୍ତ ହୋଇ ଉଠିଥିଲା। ପାରମ୍ପରିକ ହସ୍ତଶିଳ୍ପ ବିଭାଗରେ ରେକର୍ଡ ବିକ୍ରି ହୋଇଥିବା ବେଳେ ହସ୍ତଶିଳ୍ପୀମାନେ ସୂକ୍ଷ୍ମ ହସ୍ତତନ୍ତ ଉତ୍ପାଦ, ମାଟିପାତ୍ର ଏବଂ ସ୍ୱଦେଶୀ କଳାର ପ୍ରଦର୍ଶନ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୮ ଜାନୁଆରୀ ୨୦୨୫, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ‘ଜନସେବା’

ରାଜ୍ୟ ପ୍ରଶାସନରେ ରାଜ୍ୟପାଳଙ୍କ କ୍ଷମତା ଓ ଭୂମିକାକୁ ନେଇ ଦୀର୍ଘ ବର୍ଷ ଧରି ବିତର୍କ ଲାଗି ରହିଛି। ଅନେକ ରାଜ୍ୟପାଳ ନିଜର ସାମ୍ବିଧାନିକ ପଦମର୍ଯ୍ୟାଦାର ଉଲ୍ଲଙ୍ଘନ କରି ରାଜନୈତିକ କର୍ମକର୍ତ୍ତା ଭଳି ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏହା ଅତୀତରେ ହେଉଥିଲା, ଏବେ ବି ହେଉଛି। ରାଜ୍ୟପାଳମାନଙ୍କ ଯୋଗୁଁ ରାଜ୍ୟରେ ନିର୍ବାଚିତ ସରକାର ଏବଂ ରାଜଭବନ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଉଠୁଛି। ମାମଲା ଯାଇ ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ତାଗିଦ ସତ୍ତ୍ୱେ ପରିସ୍ଥିତିରେ ସେଭଳି ଆଖିଦୃଶିଆ ଉନ୍ନତି ହୋଇନାହିଁ। ନିକଟରେ ଏହାର ଉଦାହରଣ ଦେଖିବାକୁ ମିଳିଛି କେରଳ, କର୍ଣ୍ଣାଟକ, ତାମିଲନାଡୁ, ପଞ୍ଜାବ, ଦିଲ୍ଲୀ, ପଶ୍ଚିମ ବଙ୍ଗ, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ। ଅଭିଯୋଗ ହୋଇଥିଲା ଯେ କେନ୍ଦ୍ରରେ ଶାସକ ଦଳର ଇସାରାରେ ଏହି ରାଜ୍ୟପାଳମାନେ ସମ୍ପୃକ୍ତ ରାଜ୍ୟରେ ସରକାରଙ୍କୁ ଅଡୁଆରେ ପକାଉଥିଲେ। ରାଜ୍ୟରେ ନିର୍ବାଚିତ ସରକାର ସହିତ ସେହି ରାଜ୍ୟପାଳମାନଙ୍କର ସମ୍ପର୍କ ଆଦୌ ଭଲ ନଥିଲା। ଏହା ସମ୍ବିଧାନ ସହିତ ସଂଘୀୟ ବ୍ୟବସ୍ଥା ପାଇଁ ବିପଦ ବୋଲି ଆଇନ ବିଶେଷଜ୍ଞ କହିସାରିଛନ୍ତି। ଏଭଳି ପରିସ୍ଥିତି ବିଶେଷକରି ଅଣବିଜେପି ଶାସିତ ରାଜ୍ୟମାନଙ୍କରେ ଦେଖିବାକୁ ମିଳୁଛି। ଅପରପକ୍ଷରେ ଓଡ଼ିଶାରେ ରାଜ୍ୟପାଳ ଭାବେ ରଘବୁର ଦାସଙ୍କ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଅଲଗା ଥିଲା। ରଘୁବରଙ୍କର ଓଡ଼ିଶା ରାଜ୍ୟପାଳ ଭାବେ ୧୪ ମାସର କାର୍ଯ୍ୟକାଳ ଯେତେ ବିବାଦୀୟ ଥିଲା, ରାଜ୍ୟପାଳ ପଦରୁ ଇସ୍ତଫା ଦେବା ପରେ ତାଙ୍କର ବକ୍ତବ୍ୟ ଆହୁରି ବିତର୍କିତ ହୋଇପଡ଼ିଛି। ଅନ୍ୟରାଜ୍ୟରେ ଚର୍ଚ୍ଚିତ ରାଜ୍ୟପାଳ କେନ୍ଦ୍ରରେ କ୍ଷମତାସୀନ ଦଳକୁ ସୁହାଇଲା ଭଳି କାମ କରୁଥିବା ବେଳେ ରଘୁବର ନିଜ ଦଳକୁ ଅଡୁଆରେ ପକାଇବା ଲାଗି କୌଣସି ସୁଯୋଗ ହାତଛଡ଼ା କରି ନଥିବା ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ରଘୁବର ବିଭିନ୍ନ ସମୟରେ ଦେଇଥିବା ମନ୍ତବ୍ୟ ବିଜେପି ହାଇକମାଣ୍ଡ ପାଇଁ ଯେତେ ଅଶ୍ୱସ୍ତିକର ପରିସ୍ଥିତି ସୃଷ୍ଟି କରୁଛି, ରାଜ୍ୟ ବିଜେପିକୁ ମଧ ଅଡୁଆରେ ପକାଇବାରେ ଲାଗିଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ସେ ସାତ ମାସ କାମ କରିଥିବା ବେଳେ ଅବଶିଷ୍ଟ ସାତ ମାସ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ସହିତ ସମୟ ବିତାଇଛନ୍ତି। ନବୀନ ମୁଖ୍ୟମନ୍ତ୍ରୀ ଥିବା ବେଳେ ତାଙ୍କ ସରକାରକୁ ହଟାଇବା ଲାଗି ସେ ଅଭିଯାନ ଆରମ୍ଭ କରିଥିବା ରଘୁବର ସ୍ୱୀକାର କରିଛନ୍ତି। ବିଜେଡି ସରକାରର ପରାଜୟ ପାଇଁ ସମସ୍ତ ଶ୍ରେୟ ସେ ନିଜ ମୁଣ୍ଡକୁ ନେବା ସହିତ ମହାପ୍ରଭୁଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ପୁରୀରେ ତାଙ୍କର ଏ ସଂକ୍ରାନ୍ତ ଖୋଲାଖୋଲି ମନ୍ତବ୍ୟ ବିଜେପି ନେତାମାନଙ୍କୁ ମଧ ଆଶ୍ଚର୍ଯ୍ୟରେ ପକାଇଥିଲା। ଏଭଳି ମନ୍ତବ୍ୟ ଦେଇ ରଘୁବର ସ୍ପଷ୍ଟ କରିଦେଇଥିଲେ, ସେ ସମ୍ବିଧାନ ନୁହେଁ, ନିଜ ଦଳର ଏଜେଣ୍ଟ ଭାବେ କାମ କରିଥିଲେ। ଭାରତୀୟ ସମ୍ବିଧାନ ପ୍ରତି ଏହାଠାରୁ ବଡ଼ ଅପମାନ ଓ ଅସମ୍ମାନ ଆଉ କ’ଣ ହୋଇପାରେ ! ରାଜ୍ୟପାଳ ପଦରୁ ଇସ୍ତଫା ଦେଇ ସେ ନିଜ ରାଜ୍ୟ ଝାଡ଼ଖଣ୍ଡ ଫେରି ପୁଣି ବିଜେପିରେ ଯୋଗଦେଇଛନ୍ତି। ଏହାଦ୍ୱାରା ସେ ପ୍ରମାଣ କରିଦେଇଛନ୍ତି ଯେ ଓଡ଼ିଶା ରାଜଭବନରେ ରାଜ୍ୟପାଳ ନୁହେଁ, ଦଳୀୟ ଏଜେଣ୍ଟ ସାଜିଥିଲେ। ରାଜ୍ୟପାଳ ଥିବା ବେଳେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାରକୁ ସବୁଠାରୁ ବେଶି ଅଡୁଆରେ ପକାଇଥିଲେ ରଘୁବର। ବିଶ୍ୱବିଦ୍ୟାଳୟ ବିଲକୁ ନେଇ ମୋହନ ସରକାର ସହିତ ତାଙ୍କର ତୀବ୍ର ମତଭେଦ ସୃଷ୍ଟି ହୋଇଥିଲା ଏବଂ ରାଜ୍ୟ ବିଜେପି ଏ ସମ୍ପର୍କରେ ଦଳୀୟ ହାଇକମାଣ୍ଡ ନିକଟରେ ଫେରାଦ ହୋଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରଚାରିତ ହୋଇଥିଲା। ହାଇକମାଣ୍ଡ ରଘୁବରଙ୍କୁ ବୁଝାଇଥିଲେ ମଧ ସେ ଶୁଣିନଥିଲେ। ରାଜ୍ୟପାଳ ପଦରୁ ତାଙ୍କୁ ହଟାଯିବାର ଏହା ଅନ୍ୟତମ କାରଣ ଥିଲା ବୋଲି କୁହାଯାଉଛି। ‘ରାଜ୍ୟପାଳ ଲାଟ ସାହେବ ନୁହନ୍ତି, ସେମାନେ ହେଉଛନ୍ତି ଜନତାର ସେବକ। ଏହି କଥା କିଛିଦିନ ତଳେ ରଘୁବର ରାଞ୍ଚିରେ ସାମ୍ବାଦିକମାନଙ୍କୁ କହିଛନ୍ତି। ରାଜ୍ୟପାଳଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆନ୍ଦୋଳନ ଚାଲିଲା। ନିର୍ଯାତନାରେ ପୀଡ଼ିତ କର୍ମଚାରୀଙ୍କ ପତ୍ନୀ ରାଜ୍ୟ ସରକାରଙ୍କ ନିକଟରେ ଫେରାଦ ବି ହେଲେ। କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ଚାହିଁଥିଲେ ମଧ ରଘୁବର ସେଥିରେ ହସ୍ତକ୍ଷେପ କରି ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବା ଲାଗି ସେ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ଚାପ ପକାଇଥିଲେ ବୋଲି ଆଲୋଚନା ହୋଇଥିଲା। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଏହାକୁ ନେଇ ଘୋର ଅପମାନଜନକ ପରିସ୍ଥିତିର ସମ୍ମୁଖୀନ ମଧ ହୋଇଥିଲେ। ବିଧାନସଭାରେ ସରକାରଙ୍କ ପାଇଁ ଏହା ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲା। ଏହା କ’ଣ ଥିଲା ରାଜ୍ୟପାଳଙ୍କ ଜନସେବା ? ଏଭଳି ପ୍ରଶ୍ନ ଏବେ ଉଠିବା ସ୍ୱାଭାବିକ। ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ବେଳେ ଓଡ଼ିଶା ରାଜଭବନକୁ ବିଜେପିର କଣ୍ଟ୍ରୋଲ ରୁମରେ ପରିଣତ କରିବା ଘଟଣା କାହାକୁ ଅଛପା ରହିଲା ନାହିଁ। ଓଡ଼ିଶା ରାଜଭବନରେ ରହି ରଘୁବର ଝାଡ଼ଖଣ୍ଡ ଦଳୀୟ ରାଜନୀତିକୁ ନିୟନ୍ତ୍ରଣ କରୁଥିଲେ, ନିର୍ବାଚନ ରଣନୀତି ନେଇ ସେଠାକାର ଦଳୀୟ ନେତାମାନଙ୍କ ସହିତ ଆଲୋଚନା କରୁଥିଲେ। କେବଳ ଏତିକି ନୁହେଁ, ନିର୍ବାଚନ ବେଳେ ଜାମସେଦପୁର ଯାଇ ନିଜର ବୋହୂ (ବିଜେପି ପ୍ରାର୍ଥୀ)ଙ୍କ ଲାଗି ଖୋଲାଖୋଲି ପ୍ରଚାର କରୁଥିଲେ ରଘୁବର। ଏହାକୁ ନେଇ ବିରୋଧୀ ଦଳ ଆପତ୍ତି ଉଠାଇଥିଲେ। ରାଜଭବନରେ ରହି ଝାଡ଼ଖଣ୍ଡ ବିଜେପି ପାଇଁ କାମ କରିବା କ’ଣ ଥିଲା ଓଡ଼ିଶାବାସୀଙ୍କ ସେବା ?



# ସନାତନର ଅମୃତ ଧାରା : ଦିବ୍ୟ ଆସ୍ଥାର ସଂଗମ

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ବିଶ୍ୱର ସବୁଠୁ ବଡ ଧାର୍ମିକ ଓ ସାଂସ୍କୃତିକ ଆୟୋଜନ ମହାକୁମ୍ଭ। ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ମହାଶିବରାତ୍ରୀ ଯାଏ ଚାଲିବାକୁ ଥିବା ଏହି ଦିବ୍ୟ, ଭବ୍ୟ ମେଳା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକତା ଓ ଏକତାର ପ୍ରତୀକ ମଧ। ପ୍ରତି ବାର ବର୍ଷରେ ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୟିନୀ ଓ ନାସିକରେ ଆୟୋଜିତ ହେଉଥିବା କୁମ୍ଭମେଳା ଠାରୁ ଏହା ଭିନ୍ନ। ଏହା ପ୍ରତି ୧୪୪ ବର୍ଷରେ ଥରେ ଆୟୋଜିତ ହୋଇଥାଏ। ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ମିଳନସ୍ଥଳରେ ଏହା ଆୟୋଜିତ ହେଉଥିବାବେଳେ ଏହାର ଅନେକ ଆଧ୍ୟାତ୍ମିକ ଗୁରୁତ୍ୱ ରହିଛି।

ସନାତନ ଶବ୍ଦର ସଂସ୍କୃତ ବ୍ୟାଖ୍ୟା ହେଉଛି ସଦାଭବ ଅର୍ଥାତ୍ ସର୍ବଦା ବିଦ୍ୟମାନ। ଯାହାର ମୂଳ ଅର୍ଥ ହେଉଛି ଯାହା ଅତୀତରେ ଥିଲା ବର୍ତ୍ତମାନ ରହିଛି ଓ ଭବିଷ୍ୟତରେ ମଧ ରହିବ। ହିନ୍ଦୁ କାଳ ଗଣନା ଅନୁସାରେ ମନ୍ୱନ୍ତର, କଳ୍ପ, ଚତୁର୍ଯୁଗି ଇତ୍ୟାଦିକୁ ହିସାବ କଲେ ଏ ସୃଷ୍ଟିର ପରମାୟୁ ଲକ୍ଷ ଲକ୍ଷ କୋଟି ବର୍ଷର ଯାହାକୁ ଆଧୁନିକ ବିଜ୍ଞାନ ସେଭଳି ସ୍ୱୀକାର କରେନା। ଭାରତୀୟ ଧର୍ମ ସଂସ୍କୃତିକୁ ଅତୀତରେ ସନାତନ ଭାବରେ ନାମିତ କରାଯାଉଥିଲା। ତେବେ ଯାହା ହେଉ ଆମ ପ୍ରାଚୀନ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବିଭିନ୍ନ ଗ୍ରହ ଓ ନକ୍ଷତ୍ରମାନଙ୍କର ଅବସ୍ଥିତି ଆଧୁନିକ ବୈଜ୍ଞାନିକ ମାନଙ୍କ ମତ ସହ ସମ୍ପୂର୍ଣ୍ଣ ମେଳ ନଖାଇଲେ ମଧ କେତେକ କ୍ଷେତ୍ରରେ ସାମଞ୍ଜସ୍ୟ ଦେଖାଯାଇଥାଏ। ଅମୃତ ଅମରତ୍ୱର ପ୍ରତୀକ। ଅମୃତ ପାନ କରି ଦେବତାମାନେ ଅମର ହୋଇଗଲା ପରି ହରିଦ୍ୱାର, ପ୍ରୟାଗ, ନାସିକ ଓ ଉଜ୍ଜୟିନୀ ପରି ଚାରି ସ୍ଥାନରେ ଥିବା ଧର୍ମ ସଂସ୍କୃତି ମଧ ଅମର ହୋଇଯାଇଛି ବୋଲି ସନାତନୀ ମାନଙ୍କ ଦୃଢ଼ ବିଶ୍ୱାସ ରହିଛି। ବାସ୍ତବରେ ପୃଥିବୀରେ ସର୍ବତ୍ର ଧର୍ମ ଓ ସଂସ୍କୃତିକ ରାଜଆଶ୍ରିତ ହୋଇଥିବାବେଳେ ସନାତନ ସଂସ୍କୃତି ଋଷି ଆଶ୍ରିତ। ଭାରତ ବର୍ଷରେ ସନାତନୀମାନେ ଧାର୍ମିକ ଦୃଷ୍ଟିରୁ ବହୁମତ ପନ୍ଥ ସମ୍ପ୍ରଦାୟରେ ବିଭକ୍ତ। ପ୍ରାଚୀନ ସମ୍ପ୍ରଦାୟ ଭିତରେ ଶୈବ, ଶାକ୍ତ, ବୈଷ୍ଣବ, ଦ୍ୱୈତ, ଅଦ୍ୱୈତ, ବିଶିଷ୍ଟାଦ୍ୱୈତ, ଗୌଡ଼ୀୟ, ଶାକାର, ନିରାକାର ଏଭଳି ବହୁ ପନ୍ଥ ସମ୍ପ୍ରଦାୟ ରହିଛି। ତେବେ ଏ ସବୁର ମୂଳ ହେଉଛି ପରମାତ୍ମାଙ୍କର ସାକ୍ଷାତକାର।

ମହାକୁମ୍ଭ ପ୍ରାଚୀନ ଭାରତୀୟ ନକ୍ଷତ୍ର ବିଜ୍ଞାନର ଗଭୀର ଜ୍ଞାନକୁ ଦର୍ଶାଏ। କୁମ୍ଭମେଳାର ଆୟୋଜନ ସ୍ଥଳ ଓ ସମୟ ଉଭୟକୁ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଓ ଗ୍ରହଙ୍କ ସ୍ଥିତି ଆଧାରରେ ନିର୍ଦ୍ଧାରିତ କରାଯାଏ। ଆମ ପୂର୍ବପୁରୁଷ ନକ୍ଷତ୍ର ବିଜ୍ଞାନ ଓ ଜୈବିକ ପ୍ରଭାବର ଗହନ ଜ୍ଞାନର ଅଧିକାରୀ ଥିଲେ, କୁମ୍ଭମେଳା ତାର ଉଦାହରଣ। ଭୂଚୁମ୍ବକୀୟ ଉର୍ଜ୍ଜା ଆଧାରରେ କୁମ୍ଭମେଳା ଆୟୋଜନ ସ୍ଥଳ ଚୟନ କରାଯାଏ। ଏହି ସ୍ଥାନ, ବିଶେଷକରି ନଦୀ ସଂଗମ କ୍ଷେତ୍ର ମାନଙ୍କୁ ଆଧାତ୍ମିକ ବିକାଶର ଅନୁକୂଳ ମନେକରାଯାଏ। ପ୍ରାଚୀନ ମୁନୀଋଷିମାନେ ଏ ସମସ୍ତ ସ୍ଥାନରେ ଧ୍ୟାନ, ଯୋଗ ଓ ଆତ୍ମିକ ଉନ୍ନତି ପାଇଁ ଉପଯୁକ୍ତ ଉର୍ଜ୍ଜା ପ୍ରବାହକୁ ଅନୁଭବ କରି ଏଗୁଡ଼ିକୁ ପବିତ୍ର ଘୋଷଣା କରିଥିଲେ। ବୈଜ୍ଞାନିକ କାରଣ ଦୃଷ୍ଟିରୁ ଦେଖିଲେ କୁମ୍ଭମେଳା ମାନବ ଶରୀର ଉପରେ ଗ୍ରହ ଓ ଚୁମ୍ବକୀୟ କ୍ଷେତ୍ରର ପ୍ରଭାବକୁ ବୁଝିବାର ଉତ୍କୃଷ୍ଟ ସମୟ। ବାୟୋ ମ୍ୟାଗ୍ନେଟିଜମ୍ ଅନୁସାରେ ମାନବ ଶରୀର ଚୁମ୍ବକୀୟ କ୍ଷେତ୍ରର ଉତ୍ସର୍ଜନ କରେ ଏବଂ ବାହ୍ୟ ଉର୍ଜ୍ଜା କ୍ଷେତ୍ର ଦ୍ୱାରା ପ୍ରଭାବିତ ହୁଏ। କୁମ୍ଭରେ ସ୍ନାନ ଓ ଧ୍ୟାନ ସମୟରେ ଅନୁଭୂତ ଶାନ୍ତି ଓ ସକାରାତ୍ମକତା ଏହି ଉର୍ଜ୍ଜା ପ୍ରବାହରେ ନିହିତ।

ଗ୍ରହଙ୍କ ସ୍ଥିତିର କେବଳ ଆଧ୍ୟାତ୍ମିକ ମହତ୍ୱ ରହିଛି ତାହା ନୁହେଁ, ବୈଜ୍ଞାନିକ ଦୃଷ୍ଟିରୁ ଏହା ପୃଥିବୀ ଓ ମାନବ ଉପରେ ପଡୁଥିବା ପ୍ରଭାବକୁ ମଧ ଦର୍ଶାଏ। ବୃହସ୍ପତି, ସୂର୍ଯ୍ୟ ଓ ଚନ୍ଦ୍ରର ସ୍ୱତନ୍ତ୍ର ସଂଯୋଗ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ପ୍ରଭାବିତ କରେ। ଏହି ନକ୍ଷତ୍ର ବିଜ୍ଞାନ ସଂଯୋଗ ସମୟରେ କୁମ୍ଭ ସ୍ନାନରେ ଆଧାତ୍ମ ଓ ବିଜ୍ଞାନର ସମନ୍ୱୟ ହୋଇଥାଏ। ସଂଗମ ନଗରୀରେ ଆରମ୍ଭ ହୋଇଛି ବିଶ୍ୱ ପ୍ରସିଦ୍ଧ ମହାକୁମ୍ଭ ମେଳା। ସକଳ ପାପରୁ ମୁକ୍ତି ପାଇଁ, ଜୀବନରେ ସଫଳତା ଲାଭ ପାଇଁ ବିଶ୍ୱର ପ୍ରତ୍ୟେକ କୋଣରୁ ଶ୍ରଦ୍ଧାଳୁ ପବିତ୍ର ମହାକୁମ୍ଭରେ ଏକାଠି ହୋଇଛନ୍ତି। କୁମ୍ଭ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ। ଆସ୍ଥା, ସଂସ୍କୃତି, ପରମ୍ପରା ଓ ବିଜ୍ଞାନର ଅଦ୍ୱିତୀୟ ସଂଗମ। ନକ୍ଷତ୍ର ବିଜ୍ଞାନ, ଭୂଗୋଳ ଓ ଆଧାତ୍ମିକତାର ମିଳନ। ପ୍ରାଚୀନ ଭାରତର ଗହନ ବୈଜ୍ଞାନିକ ଓ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନର ପ୍ରତୀକ। କିମ୍ବଦନ୍ତୀ କହେ, ସମୁଦ୍ର ଉଚ୍ଛୁଳି ଯେଉଁଠି ଯେଉଁଠି ପଡ଼ିଥିଲା, ସେ ସମସ୍ତ ସ୍ଥାନରେ ଆୟୋଜିତ ହେଉଛି ପବିତ୍ର କୁମ୍ଭ ମେଳା। ଆସ୍ଥା ଓ ବିଜ୍ଞାନ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, ବରଂ ଉଭୟ ମିଳିତ ଭାବେ ମାନବତାର ମାର୍ଗଦର୍ଶନ କରନ୍ତି ମହାକୁମ୍ଭ ମେଳା ଆମକୁ ଏହି ଶିକ୍ଷା ଦିଏ। ବୈଦିକ କାଳ ଗଣନା ଅନୁସାରେ ପ୍ରତି ବାର ବର୍ଷରେ ଦେବତା ମାନଙ୍କର ଦିନେ ହୁଏ। ତେଣୁ ବାର ବର୍ଷରେ ଥରେ କୁମ୍ଭମେଳା। ପୁଣି ୧୪୪ ବର୍ଷରେ ଥରେ ସମ୍ପୂର୍ଣ୍ଣ ତିଥି ବାର ନକ୍ଷତ୍ରର ମିଳନ ହୁଏ। ଏହାକୁ ଅମୃତ ମହାକୁମ୍ଭ କୁହାଯାଏ। ଏହି ଆସ୍ଥା, ଭକ୍ତି, ବିଶ୍ୱାସର କୁମ୍ଭ ହିଁ ସନାତନର ଅମୃତ ଧାରାକୁ ଚିରନ୍ତନ ଭାବେ ଉଜ୍ଜୀବିତ ରଖି ଆସୁଥିବ।

ସହ-ପ୍ରତିରତ୍ନିକ, ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

# ଜନ ସେବକ ଲକ୍ଷ୍ମୀନାରାୟଣ

### ଡ଼ଃ.ଅରୁନ୍ଧତୀ ଦେବୀ



ମାନବ ସେବାକୁ ମାଧବ ସେବା ଭାବେ ଆଜୀବନ ଗ୍ରହଣ କରିଥିବା ମହାନ ଓଡ଼ିଆଙ୍କ ମଧ୍ୟରେ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଅନ୍ୟତମ। ଆତ୍ମଚରିତ ବାରବୁଲାର କାହାଣୀରେ ସେ ଲେଖିଥିଲେ ସେବା ହିଁ ମୋର ଧର୍ମ। ରାଜନୀତି ମୁଁ ବୁଝେନାହିଁ। ମୁଁ ବୁଝେ ମାନବ ସେବା। ବିଂଶ ଶତାବ୍ଦୀର ମଧ ଭାଗରେ ଓଡ଼ିଶାର ଜାତୀୟ ଜୀବନର ସେ ଥିଲେ ଉଜ୍ଜ୍ୱଳ ତାରକା। ଲାଞ୍ଛିତ ଦଳିତଙ୍କ ଅସମୟର ସାଥୀ। ବିନା ସ୍ୱାର୍ଥରେ ସେ ସେବା କରୁଥିଲେ। ସେବା ହିଁ ଥିଲା ଜୀବନ ଏବଂ ବଞ୍ଚିବାର ମାଧମ। ଛାତ୍ରାବସ୍ଥାରୁ ଜାତିପ୍ରଥା ବିରୋଧରେ ସ୍ୱରୋତ୍ତଳନ କରିଥିଲେ ଲକ୍ଷ୍ମୀ ନାରାୟଣ। ଯୌବନରେ ଶିକ୍ଷକତା କରୁଥିବାବେଳେ ସମାଜ ସଂସ୍କାର ବିଷୟରେ ଏକ ପୁସ୍ତକ ଲେଖି ନାମ ଦେଇଥିଲେ ଲକ୍ଷ୍ମୀନାରାୟଣ ସାହୁ ଜାତିରେ ପାଣ। ପଇତାକୁ ସେ ଏହିଭଳି ବ୍ୟାଖ୍ୟା କରିଥିଲେ। ପଇତାର ଛଅ ଖିଅ, ଛଅଟି ଗୁଣର ପ୍ରତୀକ। ତାହା ହେଲା ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନା, ଦାନ ଓ ପ୍ରତିଗ୍ରାହ। ଯାହାର ଏସବୁ ଗୁଣ ଥିବ ସେ ପଇତା ପକାଇପାରିବ। ପିଲାଦିନେ ସେ ଗୁଡ଼ି ଓ ପାରା ଉଡ଼ାଇବାକୁ ଭଲ ପାଉଥିଲେ। ବିଭିନ୍ନ କାରଣ ଯୋଗୁଁ ତାଙ୍କ ଅଧାରୁ ଇଂଜିନିଅରିଂ ଶିକ୍ଷା ଛାଡ଼ିବାକୁ ପଡ଼ିଥିଲା।

ପୁରୀର ଭିକ୍‌ଟୋରିଆ କ୍ଲବ ହୋଟେଲର ପରିଚାଳକ ଭାବେ ତାଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା। ତେବେ, ଅଳ୍ପ କିଛି କାଳ ପରେ ତାହା ଛାଡ଼ି ସେ ଶିକ୍ଷକତାକୁ ବୃତ୍ତି କରିଥିଲେ। ସେ ଭାରତ ସେବକ ସମାଜର ସକ୍ରିୟ ସଦସ୍ୟ ଥିଲେ। ପରେ ଉତ୍କଳ ସେବା ସମିତି ଗଢ଼ିଥିଲେ। ପ୍ରସିଦ୍ଧ ସହକାର ପତ୍ରିକା କିଛି କାଳ ତାଙ୍କ ସଂପାଦନାରେ ପ୍ରକାଶ ପାଇଥିଲା। ପୁଣି ଲକକ୍ଷ୍ମୀନାରାୟଣ ଆଜୀବନ ଥିଲେ ଶିକ୍ଷାନୁରାଗୀ। ସେ ଏକାଧିକ ବିଷୟରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଏ। ଚଉଷଠି ବର୍ଷ ବୟସରେ ନିଜର ନାତି ନାତୁଣୀଙ୍କ ସହ ସେ ଇତିହାସରେ ସ୍ନାତକୋତ୍ତର ପରୀକ୍ଷା ଦେଇ ଚହଳ ସୃଷ୍ଟି କରିଥିଲେ। ତାଙ୍କ ପାଖରେ ଅଭିମାନ, ଅହଙ୍କାର, କୁଟିଳତା, ଆବିଳତା ନଥିଲା। ସବୁ ମଣିଷଙ୍କୁ ଅମୃତର ସନ୍ତାନ ଭାବେ ଦେଖୁଥିଲେ। ସେ ମଧ ବହୁ ପୁସ୍ତକର ରଚୟିତା। ବୀଣା ତାଙ୍କର ଏକ ଶ୍ରେଷ୍ଠ ଉପନ୍ୟାସ। ୧୯୬୩ ମସିହା ଜାନୁଆରୀ ଆଜିର ଦିନରେ (୧୮ତାରିଖ ଦିନ) ତାଙ୍କର ପରଲୋକ ହୋଇଥିଲା। ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭିନୀୟତା ନିରୋଧ ଆନ୍ଦୋଳନର ସମସ୍ତ କାର୍ଯ୍ୟକ୍ରମରେ ସେ ସାମିଲ ଥିଲେ ଓ ସେ ଜଣେ ପରିବାରର ଅନ୍ୟତମ ମୁରବୀ ସଦୃଶ ଯୋଗଦାନ ରଖିଥିଲେ।



ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

# ଭାରତ ବିରୋଧୀଙ୍କ ସଫେଇ

### ସୌମେନ୍ଦ୍ର ଜେନା



(ପୂର୍ବ ପ୍ରକାଶିତ ଉତ୍ତାରୁ...)ଏକ ଦୀର୍ଘସ୍ଥାୟୀ ସୁଃବ୍ୟବସ୍ଥା ମାଧମରେ ଓଡ଼ିଶାରେ ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ, କୃଷି,ଶିଳ୍ପ,ପ୍ରାଣୀସମ୍ପଦର ବିକାଶ କ୍ଷେତ୍ରରେ ଆପଣଙ୍କ ଅକୁଣ୍ଠ ଅବଦାନ ଯୋଗୁଁ ସେଦିନର ଗରିବ ଓଡ଼ିଶା ଆଜି ନବୀନ ଓଡ଼ିଶାକୁ ରୂପାନ୍ତରିତ ହୋଇଛି ।

ଏମିତି କେତେ ମୁଖ୍ୟମନ୍ତ୍ରୀ ଆସିବେ କେତେ ଯିବେ । କିନ୍ତୁ ଓଡ଼ିଶାବାସୀଙ୍କ ମନରୁ ଆପଣ କେବେ ଅପସରି ଯିବେନି। ୨୦୨୪ ସାଧାରଣ ନିର୍ବାଚନର ପରାଜୟ ସହ ଆପଣ ମୁଖ୍ୟମନ୍ତ୍ରୀ ପଦରୁ ହଟିଯାଇଛନ୍ତି ସତ କିନ୍ତୁ ଆପଣଙ୍କର ସ୍ୱଚ୍ଛ ଭାବ ମୂର୍ତ୍ତୀ ଏବେ ବି ଅକ୍ଷୁର୍ଣ୍ଣ ରହିଛି । ଆପଣ ଓଡ଼ିଶାବାସୀଙ୍କ ପାଇଁ ବହୁତ୍ କିଛି କରିଛନ୍ତି । ଓଡ଼ିଶାର ଉନ୍ନତି କ୍ଷେତ୍ରରେ ଆପଣଙ୍କର ଅବଦାନ ଅବର୍ଣ୍ଣନୀୟ । ଆମ ସମସ୍ତଙ୍କ ହୃଦୟରେ ଆପଣଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଟିଏ ଅଛି । ଯିଏ ଯେଉଁ ଦଳକୁ ସମର୍ଥନ କରନ୍ତୁ ପଛେ ଆପଣ କିନ୍ତୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ,ଓଡ଼ିଶା ବାସୀଙ୍କର ମୁଖ୍ୟମନ୍ତ୍ରୀ ଥିଲେ ଆଉ ଏବେ ବି ଆମ ମାନସରେ ସେହି ପଦରେ ଅଛନ୍ତି। ବିଜୟରେ ଉଲ୍ଲସିତ କିମ୍ବା ପରାଜୟରେ ଭାଙ୍ଗିପଡିବା ବ୍ୟକ୍ତି ଅନ୍ତତଃ ପକ୍ଷେ ଆପଣ ନୁହନ୍ତି । ଆପଣଙ୍କ ଦଳ ପରାଜୟ ବରଣ କରିଛି କିନ୍ତୁ ଆପଣ ଓଡ଼ିଶାବାସୀଙ୍କ ହୃଦୟକୁ ଜୟ କରିଛନ୍ତି ।ଅନେକ ଥର ଆମ୍ଭେ ଭାବ ବିହ୍ୱଳ ହୋଇ ଆମ୍ଭ ପସନ୍ଦର କୌଣସି ଲୋକଙ୍କୁ ଏ ଦୁନିଆ ଛାଡ଼ିଲେ କିମ୍ବା ନିଜ କର୍ମମୟ ଜୀବନରୁ ସନ୍ନ୍ୟାସ ନେଲେ ଆମ୍ଭେ କହୁ ଗୋଟେ ଯୁଗର ଅନ୍ତ ଘଟିଲା । ଠିକ୍ ସେହିପରି ଆପଣଙ୍କର ପରାଜୟ ସହ ଓଡ଼ିଶାରେ ଏକ ସୁବର୍ଣ୍ଣ ଯୁଗର ଅନ୍ତ ଘଟିଲା । ଆପଣଙ୍କର ସେ ଧୋବ ଫରଫର ପଞ୍ଜାବୀ କୁର୍ତ୍ତା ପାଇଜାମା,କୋଲ୍ହାପୁରୀ ଚପଲ ପିନ୍ଧା ଦୃଶ୍ୟ ଆଉ ଦେଖିବାକୁ ମିଳି ନପାରେ । ଆପଣଙ୍କର କୌତୁକିଆ କଥା ଆପଣ ମାନେ ଖୁସି ତ ? ଆଉ ଆଜିଠୁ ଶୁଭିବ ନାହିଁ? ମୋ ଓଡ଼ିଶା ନବୀନ ଓଡ଼ିଶା ସଂକଳ୍ପ ଆପଣଙ୍କର ଅଧୁରା ରହିଗଲା । ଓଡିଶାରୁ ଏକ ନମ୍ବର ରାଜ୍ୟ କରିବାପାଇଁ ଆପଣ ଦେଇଥିବା ପ୍ରତିଶ୍ରୁତି ଅଧାରେ ଅଟକିଗଲା। ଓଡ଼ିଶାକୁ ସଫଳତାର ଶୀର୍ଷରେ ପହଞ୍ଚାଇବା ପାଇଁ ଦୀର୍ଘ ୨୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଓଡ଼ିଶାବାସୀଙ୍କ ଭାବାବେଗ ସହ ଜଡ଼ିତ ହୋଇଥିଲେ । ଅନେକ ଘାତ ପ୍ରତିଘାତ ସତ୍ତ୍ୱେ ଆପଣଙ୍କର ଦୀର୍ଘ ୨୫ ବର୍ଷ ଧରି ନିରନ୍ତର ସୁ-ଶାସନ ଆମକୁ ପ୍ରେରଣା ଯୋଗାଇଛି । ଆପଣଙ୍କର ଠାରୁ ଆପଣଙ୍କର ବ୍ୟକ୍ତିତ୍ୱ ତଥା ଆପଣଙ୍କର ଆଦର୍ଶବାଦ ଗୁଣ ଆଗରେ ଆମ୍ଭେ ସମସ୍ତେ ନତମସ୍ତକ । ଆପଣଙ୍କର ସରଳ ନିରାଡମ୍ବର ଜୀବନ ଯାପନ ଆମ ପାଇଁ ଆଦର୍ଶ ।ନୂତନ ଓ ଉନ୍ନତ ଓଡ଼ିଶା ଗଠନ ପାଇଁ ଆପଣଙ୍କର ବଳିଦାନ ଓ ପ୍ରତିଦାନ ଆମ୍ଭ ମନରେ ଅଛି ।ଆପଣ ଆମ୍ଭ ପରିବାରର ସଦସ୍ୟ । ସର୍ବଦା ସାଢ଼େ ଚାରି କୋଟି ଓଡ଼ିଶା ବାସୀ ମୋର ପରିବାରର ନାରା ଆପଣ ଦେଉଥିଲେ। ହଁ ଆଜ୍ଞା ଆପଣ ଜିତିଲେ ବି ଆମ ପରିବାରର ସଦସ୍ୟ,ହାରିଲେ ବି ଆମ ପରିବାରର । ଆପଣ ଆମ୍ଭ ସହ ଥିଲେ ରହିବେ ମଧ । ଆପଣ ଆମ୍ଭ ଓଡ଼ିଶାକୁ ବିଶ୍ୱ ସ୍ତରରେ ପରିଚୟ ଦେଇଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ୍ । ଆପଣ କେବଳ ଜଣେ ମୁଖ୍ୟ ମନ୍ତ୍ରୀ ନଥିଲେ ବରଂ ଆମ୍ଭର ଆବେଗ ଥିଲେ ଦୁଃଖ ସମୟର ସାଥିଥିଲେ । ଜାଗ୍ରତ ଓଡ଼ିଶାର ପ୍ରହରୀ ଥିଲେ । ଆମ୍ଭେ ପରବର୍ତ୍ତୀ ପିଢ଼ିଙ୍କୁ କହୁଥିବୁ ଏ ଯେଉଁ ଆଧୁନିକ ଓଡ଼ିଶା ଦେଖୁଛ ତାହାର ମୂଳଦୁଆ ବା ଭିତିପ୍ରସ୍ତର ଜଣେ ଜନପ୍ରିୟ ମୁଖ୍ୟମନ୍ତ୍ରୀ ରଖିଥିଲେ,ସେ ହେଉଛନ୍ତି ନବୀନ ପଟ୍ଟନାୟକ ।

ଏହା କେବେ ଆମ୍ଭେ ଗ୍ରହଣ କରି ପାରୁନାହିଁ ଯେ ଆପଣ ଆଜି ମୁଖ୍ୟମନ୍ତ୍ରୀ ଆସନରେ ନାହାନ୍ତି । ଆଜି ଓଡ଼ିଆମାନେ ହୀରା ଖୋଜି ଖୋଜି ପଥର ପାଇଲେ ପ୍ରକୃତ ହୀରାକୁ ହଜାଇଦେଲେ । ଓଡ଼ିଶାର ଭୋଟରମାନେ ପରିବର୍ତ୍ତନ ଚାହୁଁଥିଲେ ତାଙ୍କ ମତଦାନ ଅନୁସାରେ ସରକାର ପରିବର୍ତ୍ତନ ହେଲା ସତ କିନ୍ତୁ ସେମାନେ ଜାଣିନଥିଲେ ଯେ ପରିବର୍ତ୍ତନ ଏତେ ଦୁଃଖଦାୟକ ହୋଇଯିବ ବୋଲି । ପରିବର୍ତ୍ତନ କରି ସେମାନେ ବହୁତ୍ ଅନୁତପ୍ତ କରୁଛନ୍ତି । ରାଜ୍ୟ ରାଜଧାନୀର ଖୋଲା ରାସ୍ତାରେ ଯିବାବେଳେ ମୋ ବସ୍, ମିଶନ ଶକ୍ତି କାଫେ, କଳିଙ୍ଗ ଷ୍ଟାଡିୟମ୍, ଏୟାରପୋର୍ଟ, ଚାକଚକ୍ୟ ବରମୁଣ୍ଡା ବସ୍ ଷ୍ଟାଣ୍ଡ , ପାର୍କ, ଲିଙ୍ଗରାଜ ମନ୍ଦିର, ଆହାର କେନ୍ଦ୍ର, ଡାକ୍ତରଖାନା ଇତ୍ୟାଦି ଦେଇ ଗଲାବେଳେ ନିଶ୍ଚିତ ମନେ ପଡ଼ିବ ଆପଣଙ୍କ କଥା । ସାର୍ ଆପଣଙ୍କ ଅତୀତରେ ବିତିଯାଇଥିବା ଦୀର୍ଘ ୨୫ ବର୍ଷର ନିଷ୍ଠାପର ସେବା ଓ ତ୍ୟାଗ ଓଡ଼ିଶାର ଇତିହାସରେ ଲିପିବଦ୍ଧ ହୋଇ ସର୍ବଦା ରହିବ । ଆପଣଙ୍କ ଅତୁଳନୀୟ ନେତୃତ୍ୱ ଏବଂ ଓଡ଼ିଶାକୁ ସର୍ବୋତ୍ତମ ସେବା ଯୋଗାଇ ଦେଇ ଆମ୍ଭ ଓଡ଼ଶାକୁ ବିଶ୍ୱ ଦରବାରରେ ପହଞ୍ଚାଇ ଆପଣ ପ୍ରତ୍ୟେକଟି ଓଡ଼ିଆଙ୍କ ହୃଦୟରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଦେଇଛନ୍ତି । ଦୀର୍ଘ ୨୫ ବର୍ଷର ଶାସନ ପରେ ବି ଯଦି ଆପଣଙ୍କୁ ବିରୋଧୀମାନେ ପ୍ରଶଂସା କରୁଛନ୍ତି ତାହାଲେ ଆପଣ ଓଡିଶା ପାଇଁ ବହୁତ କିଛି କରିଛନ୍ତି । ଜନ ସାଧାରଣମାନେ ଆପଣଙ୍କୁ ସେମାନଙ୍କର ସେବା କରିବାକୁ ସୁଯୋଗ ଦେଇଥିଲେ ତେଣୁ ଆପଣ ସେବା କରୁଥିଲେ । ଏବେ ସମୟ ବଦଳିଗଲା ଜନସାଧାରଣମାନେ ବିକଳ୍ପ ଚିନ୍ତା କଲେ ତେଣୁ ଏଥିରେ ଭାଙ୍ଗି ପଡ଼ିବାର କିଛି ନାହି । ଅନେକ ଝଡ଼ରୁ ଓଡିଶାବାସୀଙ୍କୁ ରକ୍ଷା କରୁଥିବା ଲୋକ ଆଜି ଗୋଟିଏ ମାତ୍ର ଝଡ଼ରେ ଟଳିପଡ଼ିବ ତାହା କେବେ ବିଶ୍ୱାସ ଯୋଗ୍ୟ ନୁହେଁ । ସେ ଯାହା ବି ହେଉ ନା କାହିଁକି ଉତ୍ଥାନ ପତନ ଜୀବନର ଏକ ଅଂଶ ବିଶେଷ । ସମୟ କାହାକୁ ଉପରକୁ ଉଠେଇବା ତ କେତେବେଳେ କାହାକୁ ତଳକୁ ଖସେଇବ । ସମୟକୁ ଧର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ । ପୁଣି ସବୁ ସ୍ୱାଭାବିକ ହେବ । ପୃଥିବୀ ବୁଲୁଛି,ଆଜି ଯିଏ ଅନ୍ଧାର ପାର୍ଶ୍ୱରେ ଅଛି କାଲି ତା ପାଇଁ ଆଲୋକ ଦୁରନ୍ତ ଦିଗବଳୟରୁ ନିଶ୍ଚିତ ଦୃଶ୍ୟମାନ ହେବ । ଏହା ହିଁ ତ ସମୟ । ଇତିହାସ ସାକ୍ଷୀ ଅଛି ରାତି ପାହିଲେ ରାଜା ହେବାକୁ ଯାଉଥିବା ଲୋକଙ୍କୁ କଣ ୧୪ ବର୍ଷ ବନବାସ ଭୋଗିବାକୁ ପଡିଥାନ୍ତା ? ଏହା ସବୁ ସମୟର ଖେଳ । ଏହିଭଳି ଏକ ମୁହୂର୍ତ୍ତରେ ଆମ୍ଭେ ଆପଣଙ୍କର ସୁସ୍ଥ ନିରାମୟ ଏବଂ ଦୀର୍ଘ ଜୀବନ ପାଇଁ ଭଗବାନଙ୍କୁ ସର୍ବଦା ପ୍ରାର୍ଥନା କରୁଛି । ଅପେକ୍ଷା କରିଛୁ କେବେ ଏହି ସମୟର ଅନ୍ତ ଘଟିବ ।

ଦ୍ରଷ୍ଟ ଦୟାକରି କେହି ଏହାକୁ ରାଜନୈତିକ ଦୃଷ୍ଟିକୋଣରୁ ନଦେଖିବାକୁ ଅନୁରୋଧ । (ସମାପ୍ତ)

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ଶୀତ

### ନୂତନ କୁମାର ବେହେରା

ଢ଼ଳି ଢ଼ଳି ବୁଲୁଥିବା ଗୋଲାକାର ଏ ପୃଥିବୀଟା
ତା’ କକ୍ଷ ପଥରୁ ଦୂରେଇ ଟିକେ ଗଲେ ଆଡ଼େଇ
ଚାହିଁ ପାରେ ନାହିଁ ଆଉ ନାକ ସିଧା ସଳଖରେ
ତେରେଛା ଚାହୁଁ ଥିବାରୁ ସଦୟ ଦୃଷ୍ଟି ରଖି
ଟ୍ରାଫିକ୍ ନିୟମ ଉଲଙ୍ଘନ କଲା ପରି ଭାରି ଯାନ
ଶୀତ ମାଡ଼ି ଆସେ ସୀମାନ୍ତର ସୀମାରେଖା ଡେଇଁ
ଅଚିହ୍ନା ଅପରିଚିତ ଆଗନ୍ତୁକ ହୋଇ ସେ
କେମିତି କୌଶଳରେ ଦଖଲ କରିନିଏ ଦେହଟାକୁ
ଥରାଇ ଦିଏ ଭୟରେ ଥରି ଉଠେ ପାଦରୁ ମୁଣ୍ଡ
ଲୋମ ଟାଙ୍କୁରାଇ ଦାନ୍ତକୁ ବଜାଏ ଠକ୍ ଠକ୍
ଖରାର ତେଜ କମାଇ ଦିଏ କାୟା ବିସ୍ତାର କରି
ତୁହାକୁ ତୁହା ଶୀତଳ ପବନ ବହି ଆସେ ଉତ୍ତରରୁ
ପାଣି ରାଣୀ ବି ବରଫ ପାଲଟି ଯାଏ କ୍ଷଣ କ୍ଷଣକୁ
ଶୀତର ଦୌରାତ୍ମ୍ୟରେ ଭୟଭୀତ ହୁଅନ୍ତି ବୃଦ୍ଧ ବୃଦ୍ଧା
ମାଆର ଉଷୁମ କୋଳେ ଘୁମାଇ ରହେ ଛୁଆ
ଦେହକୁ ଯେତେ ରଖିଲେ ମଧ ପୋଷାକରେ ଢ଼ାଙ୍କି
ବାଡ଼ ଫାଙ୍କରେ ଜନ୍ତୁ ପଶିଲା ପରି ଆସେ ପଶି
ନ ବୁଝି କିଛି ଓଟାରି ନିଏ ବିଛଣାର କମ୍ବଳ ଭିତରକୁ
ଉଷୁମ ଉଷୁମ ନିଃଶ୍ୱାସ ବାହାରେ ମାରିଲେ ଘୁଙ୍ଗୁଡ଼ି
ବେଙ୍ଗ ପଥର ସନ୍ଧିରେ ରହିଲା ପରି ନ ରଡ଼ି
ସୁରକ୍ଷା ପାଇଁ ସଭିଏଁ ନିଜକୁ ରଖନ୍ତି ନିଜେ ଜାବୁଡ଼ି
ଦିନଟା ଯେନ ତେନ କାଟି ରାତିକୁ ଯାଏ ମାତି
ନିଦ ନ ଆସୁ ପଛେ ସେ ଶୁଆଇ ଦିଏ ଜୋର୍ କରି
ଅଝଟ ଅବୁଝା ପିଲା ବି କାଲେଇ ରହେ ଘୋଡ଼ି ଘାଡ଼ି
ପୌଷ ରଖେ ପୋଷି ମାଘ ଡରାଏ ବାଘ ହୋଇ
ନିଆଁ ସାଥୀରେ ଭାବ ପ୍ରୀତି ବଢ଼ିଯାଏ ସକାଳେ ସଞ୍ଜେ
ଖାଇବାକୁ ମନ ହୁଏ ସବୁ ଗରମା ଗରମ୍ ତେଲଭାଜି
ଶୀତକୁ କରି ନେଲେ ନିଜର ମିତ ସେ ଗାଇ ଦିଏ
ଗୀତ



ଜୀବନର ସାତ ସୁରକୁ ସଜାଏ କରି ରାଗ ରାଗିଣୀ
ଶୀତ ଦେଲେ ବି କିଛି କଷ୍ଟ ଯନ୍ତ୍ରଣା କରେ ସବୁରି ହିତ
ତେଜି ଉଠି ସୂର୍ଯ୍ୟ ଚାହେଁ ଯେବେ କଟମଟ କରି
ଶୀତ ହୁରୁଡ଼ି ପଳାଏ କାହାକୁ କିଛି ନ ଜଣାଇ।

କୋହି,ବାରିପଦା,ମୟୂରଭଞ୍ଜ,
ମୋ: ୮୦୧୮୩୫୩୩୨୨

## ଜୀବନ

### ଜ୍ୟୋତ୍ସ୍ନାରାଣୀ ମହାନ୍ତି



ନିଜକୁ ପଚାରେ ନୀରବରେ ବସି
ଏ ଜୀବନର ମୂଲ୍ୟଟି
ଜୀବନ ସତରେ ବିଚିତ୍ର ଅଟଇ
ଅଦ୍ଭୁତ ତାର କଣ୍ଟାଟି ।

କେତେ ଅହଂକାର ଗରବ ଗଞ୍ଜନ
ମନରେ ବାନ୍ଧଇ ବସା
ନିମିଷକେ ପୁଣି ପ୍ରଳୟ ହୁଅଇ
ଜୀବନର ଉଡ଼େ ହଂଶା ।

ଗୀତାରେ ରଚିତ ଅଠର ଅଧ୍ୟାୟ
ମୃତ୍ୟୁ ନ ଥାଏ ଆତ୍ମାର
ଶରୀରର ତ୍ୟାଗ ଅଟଇ ବିଧାନ
କହି ଛନ୍ତି ଚକ୍ର ଧର ।

ଜୀବନକୁ ନେଇ ଶତ ଶତ ସପ୍ନ
ଦେଖୁଥାଏ ଏ ମଣିଷ
ରାତି ସରି ଯାଏ ସପ୍ନ ରହି ଯାଏ
କାଳର ହୁଏ ପ୍ରବେଶ ।

ପାଚିଲା ରଖାଇ କଞ୍ଚା ବାଛି ନିଏ
ଅବେଳ ରେ ଯାଏ ଶ୍ୱାସ
ଜୀବନ ଅଟଇ ପାଣି ଫଟକାଟି
କେତେବେଳେ ହୁଏ ନାଶ ।

ଜନ୍ମ ମୃତ୍ୟୁର ଯେ ଠିକଣା ନ ଥାଏ
ସଭିଙ୍କୁ ହୁଏ ଅଜଣା
ଜୀବନ କାଗଜ ଛିଡି ଗଲେ ଥରେ
ଦୁନିଆ ଲାଗଇ ଊଣା ।

ନିଜର ପଣିଆ ଚାଲି ଯାଏ ସବୁ
ପଥ ଲାଗେ ଶୂନଶାନ
ମାଟିର ଦେହଟି ମାଟିରେ ମିଶଇ
ଭାଙ୍ଗି ଦିଏ ସବୁ ମାନ ।

ମଣିଷ ଜୀବନ ଶ୍ରେଷ୍ଠ ରେ ଗଣିତ
ସ୍ୱାର୍ଥରେ ହୁଅନା ରତ
ଆତ୍ମା ଥିବା ଯାଏ ସଜାଗ ରହିବା
ମନ କରି ଏକତ୍ରିତ ।

ରାଇବଣିଆ, ଜଳେଶ୍ୱର,
ବାଲେଶ୍ୱର



# ଜଙ୍ଗଲରେ ହେଲା ମକର ପର୍ବ

## ଅଶୋକ କୁମାର ପ୍ରଧାନ

ଏ ବର୍ଷ ଜାନୁଆରୀ ମାସ ଚଉଦ ତାରିଖରେ ମକର। ସେଥିପାଇଁ ବଣ ରାଇଜରେ ଚାରିଆଡେ ଚଳ ଚଞ୍ଚଳ। ସିଂହ ମହାରାଜଙ୍କ ନିର୍ଦ୍ଦେଶ ଅଛି ବର୍ଷ ୨୦୨୫ ମକର ଉତ୍ସବରେ କିଛି ନିଆରା ଢଙ୍ଗରେ ବଣରେ ପାଳିତ ହେବ। ବଣର ସମସ୍ତ ପଶୁଙ୍କୁ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ତେଣୁ ସଭିଏଁ ସକାଳୁ ସକାଳୁ ସିଂହ ମହାରାଜଙ୍କ ବାସ ଭବନ ପାଖ ପଡ଼ିଆରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଅଛି।ଏଥିସହିତ ମକର ଉତ୍ସବରେ କିଏ କୋଉ ଦାୟିତ୍ୱ ନେବ ତା'ର ଏକ ଲମ୍ବା ତାଲିକା ମଧ୍ୟ ପ୍ରସ୍ତୁତ କରିଛନ୍ତି ସିଂହ ମହାରାଜ। ଏବଂ ସିଂହ ମହାରାଜ ଘୋଷଣା କରିଛନ୍ତି ଏହି ବର୍ଷ ମକର ଉତ୍ସବରେ ଯିଏ ଭଲ ସେବା କରି ମୋ ମନ ଜିତି ପାରିବ ତାକୁ ସମସ୍ତଙ୍କ ସମ୍ମୁଖରେ ପୁରସ୍କୃତ କରାଯିବ ଯିଏ କାର୍ଯ୍ୟରେ ଅବହେଳା କରିବ ତାକୁ ମୃତ୍ୟୁଦଣ୍ଡ ଦିଆଯିବ।

ତାଲିକା ଦେଖି ଯିଏ ଯାହା କାମ କରିବା ପାଇଁ ସଜାଗ ଅଛନ୍ତି। ହାତୀକୁ ସମସ୍ତଙ୍କ ପାଇଁ ଜଳ ଯୋଗାଡ କରିବା ବ୍ୟବସ୍ଥା ପଡିଛି ତ ବିଲୁଆକୁ ବଜାରରୁ ସଉଦା ଆଣିବା ଦାୟିତ୍ୱ,ହନୁକୁ ପରିବା ପତ୍ରର ଦାୟିତ୍ୱ ତ ବଣବିରାଡିକୁ ରୋଷେଇ ଦାୟିତ୍ୱ ଏବଂ ଭାଲୁକୁ ଚିକିତ୍ସା ଦାୟିତ୍ୱ। ସମସ୍ତ ପଶୁ ଯିଏ ଯାହା କାମରେ ବ୍ୟସ୍ତ। ସମସ୍ତଙ୍କ ମନରେ ଗୋଟିଏ ଚିନ୍ତା କେମିତି ରାଜାଙ୍କର ପ୍ରିୟ ଭାଜନ ହୋଇ ପୁରସ୍କୃତ ହେବା।

ଦେଖୁ ଦେଖୁ ଦିନ ଗୋଟାଏ ହେଲାଣି।ଦିନ ଗୋଟାଏ ପନ୍ଦର ରେ ସଭା ଆରମ୍ଭ ହେବ। କିନ୍ତୁ ଭାଲୁର ଏ ଯାଏଁ ଦେଖା ନାହିଁ। ସମସ୍ତ ପଶୁ ପରସ୍ପର ମୁହଁକୁ ଚାହାଁ ଚାହିଁ ହେଲେ। ଆରେ ଭାଲୁ କାହିଁ? ଏତେ ବଡ ଉତ୍ସବ ଦିନଟାରେ କାହିଁକି ଏତେ ବିଳମ୍ବ କରିଛି। ରାଜା କ'ଣ ନାହିଁ କ'ଣ କରିବେ। ଏ ପ୍ରକାର ଖାମ ଖିଆଲି ମନୋଭାବ ପାଇଁ ଭାଲୁ ଆଜି ନିଶ୍ଚିତ ଦଣ୍ଡ ପାଇବ।

ଭାଲୁର ଭଲ ସାଙ୍ଗ ହେଉଛି ବିଲୁଆ। ଭାଲୁର ଅନୁପସ୍ଥିତ ଦେଖି ସେ ସାଙ୍ଗ ପାଇଁ ଖୁବ୍ ବ୍ୟାକୁଳ। କ'ଣ କରିବ। କିଛି ଗୋଟେ ଉପାୟ ନିଶ୍ଚୟ କରିବାକୁ ପଡିବ ତଥାପି ସେ ସାଙ୍ଗକୁ ଯେତିକି ଜାଣିଛି ନିଶ୍ଚିତ କିଛି ଗୋଟେ କାମରେ ଲାଗିଥିବେ। ନ ହେଲେ ବନ୍ଧୁ କେବେ ବି ରାଜାଙ୍କ କଥାକୁ ଅବମାନନା କରି ନାହାଁନ୍ତି ଆଜିଯାଏଁ। ବଣ ରାଜ୍ୟ ରେ ସାଙ୍ଗ ଭାଲୁର ଖୁବ୍ ପ୍ରସିଦ୍ଧି ଅଛି ଭଲ ଚିକିତ୍ସକ ହିସାବରେ। କେତେ ରୋଗୀଙ୍କୁ ମଲା ମୁହଁରୁ ଟାଣି ଆଣିଛନ୍ତି ସେ ତାଙ୍କର ନିଷ୍ଠାପର ସେବା ଦେଇ। ଏପରିକି ରାଜ୍ୟର ମର୍ଯ୍ୟାଦା ଏବଂ ରାଜାଙ୍କର ସମ୍ମାନକୁ ସେ ସବୁବେଳେ ଆଗକୁ ନେବାକୁ ଚେଷ୍ଟା କରିଛନ୍ତି। ଆଜି ଏମିତି କ'ଣ ହେଲା? ଏଇ ଭାବନା ଭିତରେ ବିଲୁଆର ମନ ଉହଳ ବିକଳ। ରାଜାଙ୍କର ଯେତେବେଳେ ନଜର ପଡିବ ଭାଲୁର ଅନୁପସ୍ଥିତି ଉପରେ ସେ କ'ଣ ନାଇଁ କ'ଣ ଦଣ୍ଡ ଦେବେ ।

ସିଂହ ମହାରାଜ କହିଲେ ମୁଁ ଅତ୍ୟନ୍ତ ପ୍ରସନ୍ନ। ତୁମ ମାନଙ୍କ ସେବା ଦେଖି ମୁଁ ଖୁବ୍ ଖୁସି। କିନ୍ତୁ ମୁଁ ଏ ସଭାରେ ଜଣକୁ ଦେଖି ପାରୁନାହିଁ କାହିଁକି? ଭାଲୁର କାହିଁ ଦେଖା ଦର୍ଶନ ନାହିଁ। ସେ କାହିଁକି ମୋ ଆଦେଶର ଅବମାନନା କରିଛି। ତାକୁ ମୃତ୍ୟୁ ଦଣ୍ଡ ଦିଆଯିବ।ଏତେ ବଡ ଉତ୍ସବରେ ସେ ମୋ ଆଦେଶକୁ ଅବମାନନା କରିଛି। ହଠାତ୍ ହନୁ ଠିଆ ହୋଇ କହିଲା ଆପଣ ଠିକ୍ କହିଛନ୍ତି ମହାରାଜ।

ବଣର ସମସ୍ତ ପଶୁଙ୍କ ମନରେ ଭୟର ବାତାବରଣ ଖେଳିଗଲା। ସମସ୍ତ ପଶୁଙ୍କ ମନରେ ଭରସା ଥାଏ ବିଲୁଆ ନିଶ୍ଚୟ ଏ ବିଷୟରେ କିଛି ଗୋଟେ କରିବ। ହଠାତ୍ ବିଲୁଆ ଠିଆ ହୋଇ ଅତି ନମ୍ର ଭାବରେ କହିଲା, ମହାରାଜ ଆପଣ ଆପଣଙ୍କ ନିଷ୍ପତ୍ତି ଫେରାଇ ନିଅନ୍ତୁ। ବନ୍ଧୁ ଭାଲୁ ଭାରି ଭଦ୍ର ଏବଂ ନମ୍ର। ସେ ଆପଣଙ୍କ ସମ୍ମାନ ରଖିବାକୁ ଯାଇ ଏତେ ବିଳମ୍ବ କରିଛନ୍ତି। ଏଥିରେ ତାଙ୍କର କୌଣସି ଦୋଷ ନାହିଁ। ସେ ଏକ ବିଶେଷ ଚିକିତ୍ସାରେ ବ୍ୟସ୍ତ ଅଛନ୍ତି। ତେଣୁ ଆପଣ ଆଉ କିଛି ସମୟ ଅପେକ୍ଷା କରନ୍ତୁ ମହାରାଜ।

ସଭା ସରି ସରି ଆସୁଥାଏ।ଆଉ କିଛି ସମୟ ମଧ୍ୟରେ ସଭା ସରିଯିବ। ବିଲୁଆ ଭାରି ଚଳ ଚଞ୍ଚଳ ହେଉଥାଏ। ଯଦି ସଭା ସରିବା ଭିତରେ ବନ୍ଧୁ ନ ଆସନ୍ତି ତାହା ହେଲେ ସେ ମୃତ୍ୟୁ ଦଣ୍ଡ ପାଇବେ। ବିଲୁଆର ଭାବନା ନ ସରୁଣୁ ପାଖରେ ଆସି ପହଞ୍ଚିଲେ ବନ୍ଧୁ ଭାଲୁ। ସେ ସାମାନ୍ୟ ଅଭିବାଦନ ଟିକେ ଜଣାଇ ଝପଟି ଗଲେ ସିଂହ ମହାରାଜଙ୍କ ପାଖକୁ। ଅତି ନମ୍ରତାର ସହ ନତ ମସ୍ତକ ହୋଇ କହିଲେ ମହାରାଜ ମୋତେ କ୍ଷମା କରନ୍ତୁ। ମୋର ଆସିବାରେ ବିଳମ୍ବ ହେତୁ ମୁଁ ଦୁଃଖିତ। କିନ୍ତୁ ଭାଲୁର କୌଣସି କଥାକୁ ଗୁରୁତ୍ୱ ନ ଦେଇ ମହାରାଜ ସିଂହ ଆଦେଶ ଦେଲେ , ହେଟାବାଘ! ୟାକୁ ତତ୍ କ୍ଷଣାତ ମୃତ୍ୟୁ ଦଣ୍ଡ ଦିଅ। ସିଂହ ମହାରାଜଙ୍କ କଥାକୁ ସମ୍ମାନ ଜଣାଇ ହତ୍ୟା ପାଇଁ ହେଟାବାଘ ଉଦ୍ୟତ ହେଲା ବେଳକୁ ପଛରୁ ବିଲୁଆ ବଡ ଜୋରରେ ଚିତ୍କାର କରି କହି ଉଠିଲା, ଆପଣ ଏ ପରି ଅନୋଚିତ କାର୍ଯ୍ୟ କରନ୍ତୁ ନାହିଁ ମହାରାଜ। ଏଥିରେ ଆପଣଙ୍କ ରାଜ୍ୟର ଯେଉଁ ପ୍ରସିଦ୍ଧି ଅଛି ତାହା ନଷ୍ଟ ହେବା ସହ ଆପଣଙ୍କ ବ୍ୟକ୍ତିତ୍ୱର ଅସମ୍ମାନ ହେବ। ବିଲୁଆର ଚିତ୍କାରରେ କିଛି ସମୟ ଅଟକି ଗଲା ହେଟା।

ହଠାତ୍ ଦୂରରୁ ଖୁବ୍ କୋଳାହଳ ଶୁଭାଗଲା। ସଭିଏଁ ଆଶ୍ଚର୍ଯ୍ୟ ହୋଇଗଲେ। ହଠାତ୍ ଏ କି ଶବ୍ଦ। ବେଳକୁ ବେଳ ସେ ଶବ୍ଦ ବଢି ବଢି ଚାଲିଲା। ସେମାନେ ଯେତେ ସିଂହ ମହାରାଜଙ୍କ ନିକଟତର ହେଉଥାନ୍ତି ସେ କୋଳାହଳ ସେତେ ବଢୁଥାଏ। ହଠାତ୍ ସିଂହ ମହାରାଜ ହନୁକୁ ନିର୍ଦ୍ଦେଶ ଦେଲେ ଦେଖ ହନୁ! ମୋ ରାଜ୍ୟରେ କାହାର ଏ କୋଳାହଳ ଶବ୍ଦ। ମହାରାଜଙ୍କ କଥାକୁ ସମ୍ମତି ଜଣାଇ ହନୁ ପାଖରେ ଥିବା ଏକ ଲମ୍ବାଳିଆ ତାଳ ଗଛ ଉପରକୁ ଉଠିଯାଇ କହିଲା ମହାରାଜ ଆଉ ଜଣେ ରାଜା ଆପଣଙ୍କ ରାଜ୍ୟକୁ ଅକ୍ତିଆର କରିବାକୁ ଆସୁଛନ୍ତି। ଏସବୁ ବୋଧେ ଭାଲୁର ଚାଲ୍। ତେଣୁ ଆମେ ସଭିଏଁ ସଜାଗ ହେବା ଦରକାର। ହନୁର କଥାକୁ ଅବମାନନା କରି ବିଲୁଆ ଠିଆ ହୋଇ ଅତି ନମ୍ର ଭାବରେ କହିଲା ମହାରାଜ,ଆପଣ ସେମାନଙ୍କ ଆସିବା ପର୍ଯ୍ୟନ୍ତ ଆଉ କିଛି ସମୟ ଅପେକ୍ଷା କରନ୍ତୁ। ସବୁ କଥାରେ ଭାଲୁ ଉପରେ ଅବିଶ୍ୱାସ କରିବା ଠିକ୍ ନୁହେଁ। ମୁଁ ଦେଖୁଛୁ ହନୁ ପ୍ରତ୍ୟେକ ଦୋଷ କେବଳ ଭାଲୁ ଉପରେ ହିଁ ଲଦି ଦେଉଛନ୍ତି।

ରାଜାଙ୍କର ଭାବନାର ଅନ୍ତ ନ ହେଉଣୁ ସମ୍ମୁଖରେ ଆସି ପହଞ୍ଚିଲେ ଅପର ଜଙ୍ଗଲର ମହାମନ୍ତ୍ରୀ ଶୃଗାଳ। ଅତି ନମ୍ରତାର ସହ କହିଲେ ମହାରାଜ ଆପଣ ଭାଲୁ ବଦଳରେ ମୋତେ ହତ୍ୟା କରନ୍ତୁ। କାରଣ ଭାଲୁ ମହୋଦୟଙ୍କ ବିଳମ୍ବ ପଛର କାରଣ ମୁଁ ନିଜେ। କାରଣ ସେ ତ ତାଙ୍କ ଦାୟିତ୍ୱ ଠିକ୍ ଭାବରେ ନିର୍ବାହ କରୁଥିଲେ। ମୁଁ ହିଁ ତାଙ୍କୁ ଅଟକାଇ ଥିଲି।

ଆପଣଙ୍କ ପରି ଦାୟିତ୍ୱବାନ ଏବଂ ସୁଶାସନକାରୀ ପ୍ରଜା ବତ୍ସଳ ଏବଂ ଶତ୍ରୁ ପ୍ରତି ମଧ୍ୟ ସମତା ଦୃଷ୍ଟି ରକ୍ଷା କରିବା ଦାୟିତ୍ୱ ବାନ ରାଜା ଖୁବ୍ ବିରଳ। ଆଉ ତା'ର ସ୍ପଷ୍ଟ ଉଦାହରଣ ହେଉଛନ୍ତି ଆପଣଙ୍କ ବିଶ୍ୱସ୍ତ ବୈଦ୍ୟ ଭଲ୍ଲୁକ ମହୋଦୟ । ଆମ ରାଜାଙ୍କର ଦେହ ଯେତେବେଳେ ହଠାତ୍ ଖରାପ ହୋଇଗଲା ସଭିଏଁ କହିଲେ ରାଜା ଆଉ ବଞ୍ଚିବେନି। କିନ୍ତୁ ଆମେ ବିଭିନ୍ନ ସୂତ୍ରରୁ ଖବର ପାଇଲୁ ଯେ ଆପଣଙ୍କ ଜଙ୍ଗଲର ଭାଲୁ ଜଣେ ସଫଳ ବୈଦ୍ୟ ହିସାବରେ ଖୁବ୍ ନାମକରା। ହେଲେ ଆପଣ ତ ଆମର ଶତ୍ରୁ। ଶତ୍ରୁ ରାଜ୍ୟକୁ ଆମେ ଆସିବୁ କେମିତି? କିନ୍ତୁ ଆମର ମହାମନ୍ତ୍ରୀ ଶୃଗାଳ ଙ୍କ କଥା ଅନୁଯାୟୀ ଆପଣଙ୍କ ରାଜ୍ୟକୁ ଆସି ରାଜାଙ୍କର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ସବୁକିଛି କହିଲୁ ଭାଲୁ ମହୋଦୟଙ୍କ ଆଗରେ।ସେ ସେତେବେଳେ କୌଣସି ଏକ ସଭା ଯିବାକୁ ସଜ ହୋଇଥିଲେ। କିନ୍ତୁ ସେ ସଭାକୁ ଯିବା ବନ୍ଦ କରି ତତ୍ କ୍ଷଣାତ ଆମ ରାଜାଙ୍କର ଚିକିତ୍ସା ଆରମ୍ଭ କରନ୍ତେ ରାଜା ଧିରେ ଧିରେ ସୁସ୍ଥ ଅବସ୍ଥାକୁ ପ୍ରାପ୍ତ କଲେ। ତାଙ୍କର ଚିକିତ୍ସାରେ ଆମେ ସଭିଏଁ ଖୁସି ହୋଇ ଯେତେବେଳେ ତାଙ୍କୁ ଧନ୍ୟବାଦ ଜଣାଇଲୁ ସେ କହିଲେ ମୋତେ ଧନ୍ୟବାଦ ଦେବାର କୌଣସି ଆବଶ୍ୟକତା ନାହିଁ। ଏସବୁ ଶ୍ରେୟ ଆମ ରାଜାଙ୍କର। ତେଣୁ ଆମ ରାଜାଙ୍କୁ ଧନ୍ୟବାଦ ଜଣାନ୍ତୁ। ତାଙ୍କର କଥା ମୁତାବକ ଆମେ ଅଜି ଏଇଠି। ଜଣେ ରାଜାଙ୍କ ପ୍ରତି ଏମିତି ନିଷ୍ଠାବାନ ହେବା ଗୋଟେ ସାଧାରଣ ପ୍ରଜାର ପରମ କର୍ତ୍ତବ୍ୟ। ତେଣୁ ଯାହା ଦଣ୍ଡ ଦେବେ ମୋତେ ଦିଅନ୍ତୁ।

ଅପର ଜଙ୍ଗଲର ମହାମନ୍ତ୍ରୀଙ୍କ କଥା ଶୁଣି ସିଂହ ମହାରାଜ ଖୁବ୍ ଖୁସି ହୋଇ କହିଲେ ତୁମେ ଠିକ୍ କହିଛ ଶୃଗାଳ। ତୁମେ ଦଣ୍ଡକୁ ଯୋଗ୍ୟ ନୁହଁ। ବରଂ ତୁମେ ମୋ ଆଖି ଖୋଲି ଦେଇଛ। ଆଜି ଏ ଭରା ସଭାରେ ମୋ ରାଜ୍ୟର ଭାଲୁ ମହୋଦୟକୁ ମୁଁ ବିଶେଷ ଭାବରେ ପୁରସ୍କୃତ କରିବି ଏବଂ ହନୁକୁ ବିଶେଷ ଦଣ୍ଡରେ ଦଣ୍ଡିତ କରିବି। ଚକିତ ହୋଇଗଲେ ସଭିଏଁ। ହଠାତ୍ ଭାଲୁ ଗହଳି ଭିତରୁ ବାହାରକୁ ବାହାରି ରାଜାଙ୍କ ପାଖକୁ ଯାଇ ଅତି ବିନୟର ସହ କହିଲା ହେ ମହାରାଜ ଆପଣଙ୍କ ପୁରସ୍କାର ବଦଳରେ ମୁଁ ଅନ୍ୟ କିଛି ଚାହେଁ। ଆପଣ ସମ୍ମତି ଜଣାଇଲେ ମୁଁ ମନ କଥା କହିଥାନ୍ତି। ଭାଲୁ ଉପରେ ଖୁସି ହୋଇ ମହାରାଜ ସିଂହ କହିଲେ,ତୁମର କ'ଣ ଇଚ୍ଛା କୁହତ ବିନା ଭୟ ଏବଂ ବିନା ଦ୍ୱିଧାରେ।

ଭାଲୁ ହାତ ଯୋଡି କହିଲା ହେ ମହାରାଜ! ମୋ ପୁରସ୍କାର ବଦଳରେ ହନୁର ଦଣ୍ଡ ଫେରାଇ ନିଅନ୍ତୁ । ଏତିକି କାମନା। ଭାଲୁର କଥା ଶୁଣି ମହାରାଜ ସିଂହ ଭାଲୁକୁ ନିଜ ପାଖକୁ କୋଳେଇ ନେଇ କହିଲେ ହନୁକୁ କ୍ଷମା କରି ଦିଆଗଲା। ଏବଂ ତା'ର ସମସ୍ତ ଦଣ୍ଡ ଫେରାଇ ନିଆଗଲା।

ରାଜାଙ୍କର ଏକଥା ଶୁଣି ସଭିଏଁ ଖୁସି ହୋଇଗଲେ। ଠିକ୍ ଏତିକି ବେଳେ ମହାରାଜ ଅତି ଉଚ୍ଚ ସ୍ୱରରେ କହିଲେ ସଭିଏଁ ଆଜି ମକର ପ୍ରସାଦ ସାରିବେ। ସବୁ ପ୍ରକାର ଖାଦ୍ୟର ସୁବ୍ୟବସ୍ଥା ହୋଇଛି। ଯାହାର ଯାହା ଆବଶ୍ୟକ ଖାଇ ପାରିବେ। ଏବଂ ଖିଆ ସରିଲେ ନାଚ ଗୀତର ଆୟୋଜନ ମଧ୍ୟ ହୋଇଛି। ସଭିଏଁ ଆଉ ଗୋଟିଏ କଥା ଧ୍ୟାନ ରଖିବେ ଆଗକୁ ଗ୍ରୀଷ୍ମ ଋତୁ।କିଏ ଜଳର ଅପବ୍ୟବହାର କରିବେ ନାହିଁ। ଏବଂ ଝରଣା ତଟ ଦେଖି ସଭିଏଁ ଗଛ ଗୋଟେ ଗୋଟେ ଲଗାଇ ତା'ର ଯତ୍ନ ନେବେ।ଜଳ ଏବଂ ଜଙ୍ଗଲର ସୁରକ୍ଷା କରିବେ।ଏଇ ମକର ପର୍ବର ଏହା ହିଁ ବାର୍ତ୍ତା ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ। ସଭିଏଁ ଖୁସି ହୋଇ ଭୋଜନ ଶାଳ ଆଡକୁ ଅଗ୍ରସର ହେଲେ।

+ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦



# କବିତା

ତୁମ ପାଇଁ

## ଟିକି ଚଢ଼େଇରେ ଆ '

### କୀର୍ତ୍ତନ ସାହୁ

ଟିକି ଚଢ଼େଇରେ ଆ '
ଭାତ କ୍ଷୀର ଟିକେ ଖା '
ଖାଇ ସାରି ତୁହି
ଖୁସି ମନରେ ତୋ
ଆକାଶକୁ ଉଡ଼ି ଯା ' ।

ଆଣିବୁରେ କାଲି କୋଳି
ଗଛରୁ ତୋହର ତୋଳି
ଆଦରରେ ତାକୁ
ଖାଇବିରେ ମୁହିଁ
ସେନେହ ଶରଧା ବୋଳି।

ଫଳ ମୋତେ ଭଲ ଲାଗେ
ଖାଇ ଥାଏ ବସି ବାଗେ
ଯେତେ ଖାଇଲେ ବି
ଆଉ ଖାଇବାକୁ
ମନରେ ସରାଗ ଜାଗେ ।

ଫଳ ଦେହ ପାଇଁ ହିତ
ଶୁଣ ମୋ ଚଢ଼େଇ ମିତ
ସେଥିପାଇଁ ତୁ ତ
ଆକାଶରେ ଉଡୁ
ହେଉ ଗ୍ରୀଷମ ବା ଶୀତ।

ଏମିତି ତୁ ଆସୁ ଥା '
କଥା ହୋଇ ତୁ ତ ଯା '
ମୋ ପାଖକୁ ନିତି
ଆସୁଥିଲେ ତୁହି
ଖୁସି ହୁଏ ମୁଁ ' ପା ' ।

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ସେନେହି ମାଙ୍କଡ଼ ମାଆ

### ଧୀରେନ୍ଦ୍ର ମଲ୍ଲିକ

ହନୁ ମାଙ୍କଡଟି ଦେଖ
ବସି ଆମ୍ବ ଡାଳରେ,
ଖାଇ ଯାଏ କଷି ଆମ୍ବ
ଟାଣ ଖରା ବେଳରେ।

ପାଖରେ ତା କୁନି ଛୁଆ
ଆମକୁ ବି ଚାହୁଁଛି,
ଟିକି ଟିକି ଗୋଡ଼ରେ ତା
ଧୀରେ ଧୀରେ ଡେଉଁଛି।

ମାଆ ତାର ଭିଡିନିଏ
ସତର୍କରେ କୋଳକୁ,
ଡ଼ରଥାଏ କାଳେ ଛୁଆ
ପଡିଯିବ ତଳକୁ।

ଅତି ହୁସିଆର ହୋଇ
ମାଆ ତାକୁ ଖେଳାଏ,
ଯେଉଁଠି କୁ ଗଲେ ସିଏ
ସାଥେ ନେଇ ପଳାଏ।

ପତ୍ର ଫଳ ତୋଳି ଆଣି
ଦିଏ ଛୁଆ ହାତରେ,
ଭୋକିଲା ରଖେନି କେବେ
ଖରା ବର୍ଷା ଶୀତରେ।

ଆକ୍ରମଣ ଯଦି ତାର
ଛୁଆକୁ କେ କରଇ,
ଜୀବନ କୁ ବାଜି ଦେଇ
ତା ସାଥିରେ ଲଢଇ।

ମରଣକୁ ଡରେନି ସେ
ଛୁଆ ପାଇଁ ତାହାର,
ଏମିତିକା ମନଟିଏ
ଅଛି ଖାଲି ମାଆର।

ନୀଳକଣ୍ଠପୁର ମଙ୍ଗଳପୁର ଯାଜପୁର
ଫୋନ-୭୯୦୪୩୯୨୬୮୬

# ନଅ ତୁଣ୍ଡରେ ଛେଳି କୁକୁର

## ବିଜୟଲକ୍ଷ୍ମୀ ପାଣିଗ୍ରାହି





ଶୀତ ଦିନ ସକାଳୁ ନିଦ ଭାଙ୍ଗିବା ଭାରି ଅସହଜ। ଗୋପାଳ ଶନିବାରିଆ ସ୍କୁଲକୁ ଆସି ନ ଥାଏ। ଆଜି ବି ସବୁଦିନ ପରି ସେ ଆଠଟାରେ ଉଠିଲା । ନିତ୍ୟକର୍ମ ସାରି ମାଆଙ୍କୁ ଭାତ ମାଗି ପେଟେ ଖାଇଦେଲା। କୌତୂହଳରେ ଛନଛନ ହେଉଛି ମନ। ଆଉ ଘରେ ବସି ପାରିଲା ନାହିଁ। ଦଶଟା ବାଜିଲାଣି...ଏବେ ସ୍କୁଲରେ ଖାଇବା ଛୁଟି ହୋଇଥିବ। ସ୍କୁଲ ତା'ର ରାସ୍ତା କଡରେ। ଆଜି ସେ ଅନ୍ୟ ବଡଭାଇମାନଙ୍କ ପରି ସ୍କୁଲକୁ ଯାଇ ଝରକା ପାଖରେ ସାଙ୍ଗମାନଙ୍କୁ ଡାକିବ, କାଗଜ ଗୋଳା ଫିଙ୍ଗି ମଜା କରିବ। ଏତିକି ଭାବୁ ଭାବୁ କାଳ ବିଳମ୍ବ ନ କରି ସାଇକେଲ କାଢି ଝପଟି ଗଲା ସ୍କୁଲ ଆଡକୁ। ପାଖରେ ଆମ୍ବ ତୋଟା। ସେଦିନ ତା'ପରି ଆଉ କିଛି ଚଗଲା ପିଲା ତୋଟାରେ ଗପ ମାରୁଛନ୍ତି। ସେ ସ୍କୁଲକୁ ଯିବା ପୂର୍ବରୁ ସାଙ୍ଗ ପିଲାଙ୍କ ପାଖକୁ ଗଲା। ଗୋପାଳକୁ ଦେଖି ମାନସ କହିଲା, ଆଜି କ'ଣ ତୁ ସ୍କୁଲ ଯାଇନୁ? ତୋର ପ୍ରିୟ ମଧୁସ୍ମିତାଦିଦିଙ୍କର ଗୋଡ ଭାଙ୍ଗିଗଲା ବୋଲି କି? ଯା ଯା ଡାକ୍ତରଖାନା ଯାଇ ଦେଖିଦେଇ ଆସ। ଗୋପାଳର ଆଖି ଦୁଇଟି ବଡ ହୋଇ ଉଠିଲା। ଭୁଲତା ମଥା ଉପରକୁ ଟେକି ହୋଇ ରହିଲା। ତା' ମନରେ ଥିବା ପ୍ରଶ୍ନଗୁଡିକ ମଥାରେ ଗାର ହୋଇ ଲମ୍ବିବାକୁ ଲାଗିଲେ। ଏତେବଡ଼ ଘଟଣା କେମିତି ଘଟିଲା ବୋଲି ଜାଣିବାକୁ ସେ ଚାହିଁଲା।

ମାନସ କହିଲା ରଜବିନ କହୁଥିଲା ଦିଦି ଡ୍ରେନ ଭିତରେ ଏମିତି ପଡିଗଲେ ଯେ ତାଙ୍କୁ ବାହାର କରାଯାଇ ପାରୁ ନ ଥିଲା। ବଡ କଷ୍ଟରେ ବାହାର କରାଗଲା ଆଉ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଗଲା।

ଗୋପାଳ ଦେଖିଲା ରଜବିନ ପଡ଼ିଆରେ କ୍ରିକେଟ ଖେଳୁଛି। ସେ ବି ସ୍କୁଲ ଯାଇନି। ସେ ତା'ପାଖକୁ ଯାଇ ତାକୁ ପଚାରିଲା, ତୁ ସ୍କୁଲକୁ କାହିଁକି ଯାଇନାହୁଁ? ରଜବିନ କହିଲା, ତୁ କ'ଣ ଜାଣିନୁ? କୁନି କହୁଥିଲା, ଦିଦି ସ୍କୁଲ ପାଖ ଡ୍ରେନରେ ପଡିଗଲେ। ଗୋଡ଼ର ହାଡ଼ ଭାଙ୍ଗି ଯାଇ ସାଙ୍ଗେ ସାଙ୍ଗେ ଫୁଲିଗଲା ତାଙ୍କୁ ଡାକ୍ତରଖାନାକୁ ନିଆଗଲା। ସେ ତ ନାହାନ୍ତି ସେଥିପାଇଁ ମୁଁ ସ୍କୁଲ ଗଲିନି।

ଅଦୂରରେ କୁନି ନଳକୂପରୁ ପାଣି କାଢୁଥିବା ଦେଖି ଗୋପାଳ ଯାଇ ତାକୁ ଦିଦିଙ୍କ ବିଷୟରେ ପଚାରିଲା। କୁନି କହିଲା, ମୁଁ ଆଜି ଡେରିରେ ଉଠିଲି । ମାଆକୁ ନବିନା କହୁଥିଲା, ଦିଦି ଡ୍ରେନ ପାଖରେ ପଡିଗଲେ ଆଉ ପାଠ ପଢ଼ାଇ ପାରିବେ ନାହିଁ। ସେଥିପାଇଁ ସେ ସ୍କୁଲକୁ ଗଲା ନାହିଁ। ଆଉ ମୁଁ ବି ସେଥିପାଇଁ ସ୍କୁଲକୁ ଗଲି ନାହିଁ।

ଗୋପାଳ ଧାଇଁଲା ନବିନା ଘରକୁ। ଧଇଁ ସଇଁ ହୋଇ ପଚାରିଲା ଦିଦି କେମିତି ପଡିଗଲେ? ନବିନା କହିଲା ଡ୍ରେନକୁ ଡେଇଁ ଯିବା ବେଳେ ମୁଁ ପଡି ଯାଇଥାନ୍ତି ହେଲେ ଦିଦି ମୋତେ ଧରିନେଲେ। ମୋ ଡ୍ରେସ କାଦୁଅ ହୋଇଗଲା। ମୁଁ ସ୍କୁଲରୁ ଫେରି ଆସିଲି। ହେଲେ ଦିଦି କେମିତି ପଡିଗଲେ... ମୁଁ ଜାଣିନି।

ଗୋପାଳ ଏବେ ସାଇକେଲ ବୁଲାଇଲା ସ୍କୁଲ ଆଡକୁ। ଝରକା ଫାଙ୍କରେ ଥାଇ ସ୍ ସ୍ କରି ଇସାରା ଦେଲା। ଇସାରା ପାଇ ସୁବର୍ଣ୍ଣା ଝରକା ପାଖକୁ ଆସିବାରୁ ସେ ମଧୁଦିଦିଙ୍କର କ'ଣ ହେଲା ବୋଲି ପଚାରିଲା। ସୁବାର୍ଣ୍ଣା କାହିଲା, କାହିଁ ଦିଦିଙ୍କର କିଛି ହୋଇନାହିଁ ତ। ସେ ଚତୁର୍ଥ ଶ୍ରେଣୀ ପିଲାଙ୍କୁ ପଢ଼ାଉଛନ୍ତି। ସେହି ସମୟରେ ମଧୁସ୍ମିତା ଦିଦି ଶ୍ରେଣୀକୁ ଆସି ଦେଖିଲେ ଗୋପାଳ ଶ୍ରେଣୀ ବାହାରେ ରହି କଥା ହେଉଛି। ସେ ଆଜି ସ୍କୁଲକୁ କାହିଁକି ଆସିନି ବୋଲି, ଦିଦି ତାକୁ ପଚାରିଲେ। ଗୋପାଳ କହିଲା ଦିଦି ଆଜି ମୁଁ ଡେରିରେ ଉଠିଲି ତ ସେଥିପାଇଁ ଆସିଲିନି। ଦିଦି କହିଲେ, ତୁ କଣ ଜାଣିନୁ ଅଧିକ ଶୀତ ଯୋଗୁଁ କୋରାପୁଟ ଜିଲ୍ଲାପାଇଁ ସରକାର ଶନିବାର ଦିନ ସକାଳ ସ୍କୁଲ ବନ୍ଦ କରିଛନ୍ତି। ଆଜି ଠାରୁ ଫେବୃଆରୀ ମାସ ଯାଏଁ ସବୁ ଶନିବାର ସବୁଦିନିଆ ସ୍କୁଲପରି ଦଶଟାରୁ ଚାରିଟାଯାଏଁ ପଢ଼ା ହେବ। ତେଣୁ ତୁ ଘରକୁ ଯାଇ ବ୍ୟାଗ ନେଇ ଆସ। ଗୋପାଳ ଦିଦିଙ୍କୁ ଭଲ ଥିବା ଦେଖି ଖୁସିରେ ବ୍ୟାଗ ଆଣିବାକୁ ଘରକୁ ଫେରିଲା। ରାସ୍ତା ସାରା ହସି ହସି ଯାଉଥିଲା। ମନେ ମନେ ଭାବୁଥିଲା ସତରେ ଛଅ ତୁଣ୍ଡରେ ଛେଳି କୁକୁର।

ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

## ତଉଲି ହୁଏନା କେବେ

### ଅନନ୍ତ କୁମାର ସେନାପତି

ତଉଲି ହୁଏନା
ମାଆର ହୃଦରେ କେତେ ମମତା,
ଆମ ପାଇଁ ଅଛି ସଦା ସାଇତା ।

ତଉଲି ହୁଏନା
ନିଆଣ୍ଣ ମନ ରେ କେତେ କଷଣ
କିପରି କାଟୁଛି ତା 'ରାତି ଦିନ ।

ତଉଲି ହୁଏ ନା
ଆପଣା ଲୋକର ସ୍ନେହ, ମମତା
ଦେଖିଲେ ଲିଭଇ ଯେତକ ବ୍ୟଥା ।

ତଉଲି ହୁଏ ନା
ମଧୁର କଥା ଟି କେତେ ସୁଆଦ,
ଯେତେ ଶୁଣିଲେ ବି ନ ଥାଏ ବାଦ ।

ତଉଲି ହୁଏ ନା
ଧରଣୀ ମାଆ ର ସହିବା ଗୁଣ
ଶିଖାଇଛି ସିଏ ହେବାକୁ ଟାଣ ।

ତଉଲି ହୁଏ ନା
ବିପଦ ବେଳ ରେ ଯେ ହୁଏ ଯେ ସାହା,
ତା ସରଳ ପଣେ 'କେତେ ଯେ ଦୟା ।

ତଉଲି ପାରିଲେ ଶିଶୁର ମନ
ସେହି ଶିଶୁ ଦିନେ ଭଲ କାମ କରି
ଦେଶର ରଖିବ ଉଚ୍ଚ ସମ୍ମାନ ।

ବାଣ୍ଟୁପଡା, ରାଜଗାଙ୍ଗପୁର,
ସୁନ୍ଦରଗଡ଼
ଫୋନ ୭୦୦୮୩୦୪୨୨୫

## ଚକା ଚକା ଭଉଁରୀ.....

### ରାମଚନ୍ଦ୍ର ବେହେରା

ଚକା ଚକା ଭଉଁରୀ
ସୁନା ଝିଅ ଗଉରୀ
ସଅଳ ଉଠି ସେ ନିତ୍ୟକର୍ମ ସାରି
ପ୍ରଭୁଂକୁ କରଇ ଗୁହାରି।

ନାହିଁ ତା'ର ଅଳସ
ସଦା ରୁହେ ହରଷ
ପାଠ ବେଳେ ପାଠ ଖେଳ ବେଳେ ଖେଳ
ନିତି କରେ ସିଏ ଅଭ୍ୟାସ।

ଚକା ଚକା ଭଉଁରୀ
କଥା ଶୁଣେ ସବୁରି
ଅନାଥ ଶିଶୁଂକ ଲୁହ ପୋଛିଦିଏ
ସେବାଭାବ ମନେ ଆଦରି।

ବୋଲ ଶୁଣେ ବୋଉର
କଥା କୁହେ ମଧୁର
ରାଗ ରୁଷା ଅଳି କେବେ କରେ ନାହିଁ
ସଭିଂକୁ ଭାବଇ ନିଜର।

ଚକା ଚକା ଭଉଁରୀ
ଶୁଏ ଟାଣି ମଶାରି
ଶାଗ ଫଳ ମୂଳ ପନି ଓ ପରିବା
ଖାଏ ଯାହା ନିତି ଜରୁରୀ।

ଗଛ ଆମ ଜୀବନ
ନିଏ ତା'ର ଯତନ
ସଂଜ ବେଳେ ସିଏ ଆଈଂକ ସହିତ
ଶରଧାରେ ପଢେ ପୁରାଣ।

ଚକା ଚକା ଭଉଁରୀ
ମାମୁଁ ଘର ଚଉଁରୀ
ଆସ ସର୍ବେ ମିଳି ଗଉରୀର ଗୁଣ
ପରାଣରେ ନେବା ଆଦରି।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୫୩୪୩୪୬

# ଚାଷୀମାନେ ଏଫ୍.ଏ.କ୍ୟୁ ମାନର ମଣ୍ଡିକୁ ଆଣନ୍ତୁ, ମିଲରଙ୍କ ମନମାନିକୁ ପ୍ରଶୟ ଦିଆଯିବ ନାହିଁ: ଯୋଗାଣ ମନ୍ତ୍ରୀ




ଭଦ୍ରକ , ୧୭/୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଖାଦ୍ୟଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭଦ୍ରକ ଜିଲ୍ଲା ଗସ୍ତରେ ଆସି ଭଦ୍ରକ ଜିଲ୍ଲା ପ୍ରଶାସନ ର ଧାନ ସଂଗ୍ରହ କାର୍ଯ୍ୟ ପରିଚାଳନାର ସମୀକ୍ଷା କରିଥିଲେ। ସେ ଭଦ୍ରକରେ ପହଞ୍ଚି ପ୍ରଥମେ ଭଣ୍ଡାରିପୋଖରୀ ବ୍ଲକ୍‌ର ଆଦମପୁରର ଶକ୍ତି ସ୍ୱରୂପା ଏସ୍.ଏଚ୍.ଜି ଧାନକ୍ରୟ କେନ୍ଦ୍ର, ଭଦ୍ରକ ବ୍ଲକ୍‌ର ବହୁଦରଡ଼ାର ଶ୍ରୀରାମ ପାକ୍‌ସ ଓ ଅର୍ଣ୍ଣପାଳ ପାକ୍‌ସ, ତିନିଟି ଧାନମଣ୍ଡିକୁ ଯାଇ ସରକାରୀ ଦରରେ ଧାନକ୍ରୟ ବ୍ୟବସ୍ଥାର ତଦାରଖ କରିଥିଲେ। କଟନୀଛଟନୀ ନେଇ ଉପସ୍ଥିତ ସ୍ଥାନୀୟ ଜନସାଧାରଣ ଓ ଚାଷୀମାନଙ୍କ ଅଭିଯୋଗ ଶୁଣି ଏଫ୍.ଏ.କ୍ୟୁ ମାନର ଧାନ ବିକ୍ରୟ ପାଇଁ ମଣ୍ଡିକୁ ଆଣିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଅଣ ଏଫ୍.ଏ.କ୍ୟୁ ଧାନ ଗ୍ରହଣ କରାଯିବ ନାହିଁ, ମଣ୍ଡିରୁ ଫେରାଇ ଦିଆଯିବ ବୋଲି କହିଥିଲେ। ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭଦ୍ରକ ଜିଲ୍ଲାପାଳ ଦିଲୀପ୍ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ପ୍ରମୁଖ ମନ୍ତ୍ରୀଙ୍କ ଗସ୍ତରେ କ୍ଷେତ୍ର ସ୍ତରରେ ଉପସ୍ଥିତ ଥିଲେ। କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଭଦ୍ରକଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମଧ୍ୟ ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସରକାରୀ ଦରରେ ଧାନକ୍ରୟ ପାଇଁ ପ୍ରସ୍ତୁତି, ପରିଚାଳନା, ସଚେତନତା, ଅଦ୍ୟାବଧି ଧନକ୍ରୟ ପରିମାଣ, ଉପୁଜୁଥିବା ସମସ୍ୟା ସମାଧାନରେ ଜିଲ୍ଲା ପ୍ରଶାସନର ସହଯୋଗ ଆଦି ସମ୍ବନ୍ଧରେ ଦୃଶ୍ୟ ଫଳକ ଜରିଆରେ ଉପଜିଲ୍ଲାପାଳ ଉପସ୍ଥାପନ କରିଥିଲେ। ଧାନ କିଣାରେ ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଥମଥର ପାଇଁ ସରକାର କ୍ଷତି ପୂରଣ ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ସେହି ଫସଲର ଉତ୍ତମ ମାନ ନଥିବା ଧାନ ମଣ୍ଡିକୁ ନ ଆଣିବା ପାଇଁ ସେ ପ୍ରକାଶ କରିଥିଲେ। ଧାନ କିଣାରେ ମିଲରମାନଙ୍କ ମନମାନିକୁ ମଧ୍ୟ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଥିଲେ।ମଣ୍ଡିରୁ ଧାନ ଉଠାଇବାରେ ସହଯୋଗ କରୁନଥିବା ମିଲର ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରି ଆବଶ୍ୟକ ହେଲେ ଜିଲ୍ଲା ବାହାରୁ ମିଲର୍ ନିୟୋଜିତ କରାଯିବ ବୋଲି ପ୍ରକାଶ କରିଥିଲେ। କଟନୀ ଛଟନୀ କୁ ସୁଯୋଗ ନଦେଇ ଖରାପ ଥିବା ଧାନକୁ ମଣ୍ଡିରୁ ଫେରାଇ ଦେବା ପାଇଁ କହିଥିଲେ। ଭଲଧାନ ନ ହେଲେ ଭଲ ଚାଉଳ ମିଳିବ ନାହିଁ। ଭଲ ଚାଉଳ ନ ହେଲେ, ଏଫ୍.ସି.ଆଇ. ତାହା ଗ୍ରହଣ କରିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ଚାଷୀମାନେ ଯେପରି ଅସୁବିଧାରେ ନ ପଡ଼ନ୍ତି ସୁସଙ୍ଗଠିତ ଢଙ୍ଗରେ ସରକାରୀ ମଣ୍ଡି ଜରିଆରେ ମିଲର ମାନଙ୍କ ଦ୍ୱାରା ସେମାନଙ୍କ ଠାରୁ ଉତ୍ତମ ମାନର ଧାନ ସଂଗ୍ରହ କରାଯିବା ଦିଗରେ ନିୟୋଜିତ ସମସ୍ତ ପ୍ରଶାସନିକ ଅଧିକାରୀମାନେ ଅଧିକ ଯତ୍ନବାନ୍ ହେବାକୁ ମଧ୍ୟ ମାନ୍ୟବର ମନ୍ତ୍ରୀ ବୈଠକରେ ପରାମର୍ଶ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟକି ଅଦ୍ୟାବଧି ଜିଲ୍ଲା ପ୍ରଶାସନ ଦ୍ୱାରା ସମୁଦାୟ ୧,୦୦,୧୭୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି।

# କଳାହାଣ୍ଡି ଘୁମୁରା୨୦୨୫ରେ ଉନ୍ମୋଚିତ ହେଲା ଡା. ନିହାରେନ୍ଦ୍ର ପଣ୍ଡାଙ୍କ 'ସପ୍ତତୀର୍ଥ କଳାହାଣ୍ଡି'

ଭବାନୀପାଟଣା, ୧୭/୧ (ନି.ପ୍ର): ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ସହିତ କଳା, ସାହିତ୍ୟ, ସଂସ୍କୃତି ଓ ଇତିହାସର ପୁନରାବଲୋକନ ଦ୍ୱାରା ଏ ଜିଲ୍ଲା ଆହୁରି ସମୃଦ୍ଧ ହେବ। ସାମୂହିକ ଉଦ୍ୟମ ଦ୍ୱାରା କଳାହାଣ୍ଡିର ହୃତ ଗୌରବ ଫେରିଆସିବ। କଳାହାଣ୍ଡି ଆଜି ଉଚ୍ଚକାଂକ୍ଷୀ ଜିଲ୍ଲା ଏବଂ ସେଦିନ ଆଉ ଡେରି ନାହିଁ, ଖୁବଶୀଘ୍ର ଏ ଜିଲ୍ଲାର ସୁଦିନ ଫେରି ଆସିବ ବୋଲି ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଅବସରରେ ସ୍ଥାନୀୟ ଟାଉନହଲଠାରେ ଆୟୋଜିତ '୭୫ ବର୍ଷରେ କଳାହାଣ୍ଡି' ଶୀର୍ଷକ ଏକ ସଂପାନରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସଂପାନ ଉପ ସମିତିର ଅଧକ୍ଷା ତଥା ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୌଦ୍ଧିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭବାନୀପାଟଣା ସଦର ବ୍ଲକ ବିଡିଓ ଚନ୍ଦନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, କଳା ଓ ସଂସ୍କୃତି ଗବେଷକ ଡ. ପରମେଶ୍ୱର ମୁଣ୍ଡ, ପଦ୍ମଶ୍ରୀ ପଟ୍ଟାୟତ ସାହୁ, ଐତିହାସିକ ଡ. ନଳିନୀକାନ୍ତ ରଣା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ବିଶିଷ୍ଟ ପନିପରିବା ଚାଷୀ କୃଷ୍ଣ ନାଗ, ମାଛଚାଷୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ଚାଷୀ ବ୍ରଜେନ୍ଦ୍ର କୁମାର ପଟଯୋଶୀ ପ୍ରମୁଖ ଜିଲ୍ଲାର କଳା, ସଂସ୍କୃତି ଓ ଇତିହାସ ତଥା ଲୋକ ପରମ୍ପରା ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ସଂପାନ ଉପସମିତିର ଆବାହକ ପ୍ରତାପ ଚନ୍ଦ୍ର ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପ ସମିତିର ସହ ଅଧକ୍ଷ ସୀମାଚଂଳ ମିଶ୍ର ଶେଷ ବକ୍ତବ୍ୟ ଦେଇଥିବାବେଳେ ଉମେଶ ଚନ୍ଦ୍ର ଶତପଥି ମଂଚ ସଂଚାଳନ ଓ ଦୀନବନ୍ଧୁ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ସୁଢଳଦେବ ମୁଣ୍ଡଙ୍କ ସହିତ ଶେଷଦେବ ମିଶ୍ର, ନିରଞ୍ଜନ ଯୋଶୀ, ଅଶୋକ ମୁଣ୍ଡ, ଭାଗବତ ମହାପାତ୍ର, ପ୍ରତାପ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ଡା. ନିହାରେନ୍ଦ୍ର ପଣ୍ଡାଙ୍କ ଲିଖିତ 'ସପ୍ତତୀର୍ଥ କଳାହାଣ୍ଡି' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ ଭାଷାବିତ ସୁଦର୍ଶନ ଦାସ। ଅଧାପିକା ନିବେଦିତା ମିଶ୍ର, ଡ. ସଞ୍ଜିତ କୁମାର ସ୍ୱାଇଁ, ଦୁର୍ଗା ପ୍ରସାଦ ବେହେରା, ବିଜୟ ପାତ୍ର, ସୁଧାଂଶୁ ନନ୍ଦ, ପୁଷ୍ପ ନାଏକ, ସୋମୀ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଜିଲ୍ଲା ଓ ଜିଲ୍ଲା ବାହାରର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବହୁସଂଖ୍ୟକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ।

# ଘର ଭଙ୍ଗାରୁଜା ଘଟଣା : ୨ ଗୋଷ୍ଠୀର ୪ କୋର୍ଟ ଚାଲାଣ

ବଲାଙ୍ଗିର, ୧୭/୧ (ନି.ପ୍ର): ସଇଁତଲା ଥାନା ଟିକ୍ରାପଡ଼ା ଫାଣ୍ଡି ଫଟାମୁଣ୍ଡା ଗାଁରେ ଏକ ଅଭାବନୀୟ ଘଟଣା ଘଟିଥିଲା । ଜଣେ ଯାଦବ ପରିବାରର ଘରକୁ ଟେକା ପଥର ମାରିବା ସହ କବାଟ ଆସବାବପତ୍ର ଭଙ୍ଗାରୁଜା କରିବା ସହିତ ଜୀବନରୁ ମାରିଦେବା ଧମକ ଚମକ ଦେଇଥିବା ନେଇ ସଇଁତଲା ଥାନାରେ ପ୍ରେମ କଠାରଙ୍କ ପତ୍ନୀ କୁମ କଠାର ଅଭିଯୋଗ କରିଥିଲେ । ସଇଁତଲା ପୋଲିସ ଏକ ମାମଲା ରୁଜୁ କରି ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଫଟାମୁଣ୍ଡା ଗାଁର ନାରାୟଣ ଭୋଇ ଓ କୀର୍ତୀ ଭୋଇ । ଅନ୍ୟପଟେ ଗାଁର ଧନୀରାମ ଭୋଇଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବା ପାଇଁ ଧମକ ଦେବା ଓ ଜାତିକୁ ଆକ୍ଷେପ ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରିଥିଲା । ଏହି ଘଟଣାରେ ପ୍ରେମଚାନ୍ଦ କଠାର ଓ ତାଙ୍କ ପୁଅ ପ୍ରକାଶ କଠାରଙ୍କୁ ଗିରଫ କରି ସଇଁତଲା କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଟିଟିଲାଗଡ଼ ଜେଲ ହାଜତକୁ ପଠାଇଦିଆଯାଇଛି । ପ୍ରକାଶ ଯେ, ଗତ ୫ ତାରିଖ ରବିବାର ଆଦିବାସୀ ସଂଘ ତରଫରୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକ ବିରାଟ ସଚେତନତା ରାଲି କରିବା ସହ ପୂର୍ବ ଶତ୍ରୁତାକୁ ନେଇ ଗାଁର ପ୍ରେମ କଠାର ନାମକ ଜୈନିକ ବ୍ୟକ୍ତିଙ୍କ ଘର ଉପରକୁ ଟେକା ପଥର ମାରିଥିଲେ । ଏହାପରେ ପୋଲିସ ଓ ଆଦିବାସୀମାନେ ଧସ୍ତାଧସ୍ତି ହୋଇ ପ୍ରେମଙ୍କ ଘରକୁ ଧସେଇ ପଶିଥିଲେ ।

# ଶାନ୍ତିକାନନରେ ଫକୀରମୋହନ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର , ୧୭/୧ (ନି.ପ୍ର): ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୩ତମ ଜୟନ୍ତୀ ଉତ୍ସବ ଉଦ୍‌ଯାପନ ଦିବସ ଆଜି ପୂର୍ବାହ୍ନରେ କବିତୀର୍ଥ ଶାନ୍ତିକାନନଠାରେ ପାଳିତ ହୋଇଯାଇଛି। ପରିଷଦର ଉପସଭାପତି ଅଞ୍ଜଳି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରାଚୀତନୟା ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଫକୀରମୋହନଙ୍କ କାଳଜୟୀ ରଚନା ସଂପର୍କରେ ଆଲୋଚନା କରିବା ସହ ଉତ୍ତରପିଢ଼ିଙ୍କୁ ସାହିତ୍ୟମନସ୍କ ହେବାପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପରିଷଦର ପ୍ରାକ୍ତନ ସଭାପତି ତଥା ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଫକୀରମୋହନଙ୍କ ଜୀବନୀ ଓ ସାହିତ୍ୟ ସଂପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ତଥା ବିଶିଷ୍ଟ ଉଦ୍ୟୋଗପତି ସଂଗ୍ରାମ ଦାସ ଫକୀରମୋହନ ସାହିତ୍ୟ ପରିଷଦର କାର୍ଯ୍ୟାଧାରାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପରିଷଦର ବର୍ଷିୟାନ ସଦସ୍ୟ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ସଭାପତି ଡ. ସୁବାସଚନ୍ଦ୍ର ପାତ୍ର ଓ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ। ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ମଞ୍ଚ ଆବାହନ କରିଥିବାବେଳେ କୋଷାଧ୍ୟକ୍ଷ ତପନ ରାୟ ପୁରସ୍କାର ବିତରଣ କାର୍ଯ୍ୟ ପରିଚାଳନା କରିଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ ଓ ତାପନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାକ୍ତନ ସଂପାଦକ ଦୀପକ ବୋଷ ଶେଷକଥା ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ପରିଷଦର ପତାକା ଅତିଥିମାନଙ୍କ ଦ୍ୱାରା ଅବତରଣ କରାଯାଇଥିଲା।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର ଷ୍ଟ୍ରକଚରାଲ ଏବଂ ଫେବ୍ରିକେସନ୍ ସପ ବିଭାଗ ଦ୍ୱାରା ବିଏଫ ସ୍ଲାଗ୍ କାର୍‌କୁ ଏସଏମଏସ ସ୍ଲାଗ୍ କାରରେ ରୂପାନ୍ତରିକରଣ



ରାଉରକେଲା, ୧୭/୧ (ନି.ପ୍ର): ନିଜସ୍ୱ ସମ୍ବଳରେ ନବୀକରଣର ଏକ ଉଲ୍ଲେଖନୀୟ ପ୍ରଦର୍ଶନ ସ୍ୱରପ, ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଷ୍ଟ୍ରକଚରାଲ ଏବଂ ଫେବ୍ରିକେସନ୍ ସପ ବିଭାଗ ଦ୍ୱାରା ଏକ ଅବ୍ୟବହୃତ ବ୍ଲାଷ୍ଟ ଫର୍ଣ୍ଣେସ୍ ସ୍ଲାଗ୍ କାର୍ ଫ୍ରେମ୍‌କୁ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁଥିବା ଏସ ଏମ ଏସ-୧ ସ୍ଲାଗ୍ କାରରେ ସଫଳତାର ସହିତ ରୂପାନ୍ତରିତ କରାଯାଇଛି । ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ଅପରେସନାଲ ସମସ୍ୟାର ସମାଧାନ କରିବା ସଙ୍ଗେସଙ୍ଗେ କାରଖାନା ପାଇଁ ପ୍ରମୁଖ ଆର୍ଥିକ ଏବଂ ଅଣ-ଆର୍ଥିକ ଲାଭ ମଧ୍ୟ ଆଣିଦେଇଛି।

ଏସ ଏମ ଏସ – ୧ ବିଭାଗ ର ସ୍ଲାଗ୍ କାର୍ ନମ୍ବର ପି ୪୬ ଡମ୍ପିଂ ୟାର୍ଡରେ ସ୍ଲାଗ୍ ଡମ୍ପିଂ ସମୟରେ ଓଲଟି ପଡ଼ି ଗୁରୁତର କ୍ଷତିଗ୍ରସ୍ତ ହେବା ଯୋଗୁଁ ଏହି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ପୁନରୁଦ୍ଧାର ପରେ, ଉକ୍ତ କାରର ମୂଲ୍ୟାଙ୍କନରୁ ଜଣାପଡ଼ିଲା ଯେ ଏହାର ମୁଖ୍ୟ ଫ୍ରେମ୍ ବିପୁଳ କ୍ଷତିଗ୍ରସ୍ତ ଏବଂ ଏହା ମରାମତି ଯୋଗ୍ୟ ନୁହେଁ । ସୀମିତ ସଂଖ୍ୟକ ସ୍ଲାଗ୍ କାର୍ କାର୍ଯ୍ୟକ୍ଷମ ଥିବାରୁ, ଏସ ଏମ ଏସ -୧ ବିଭାଗ ପାଇଁ ସୂଚାରୁ ସ୍ଲାଗ୍ ଲଜିଷ୍ଟିକ୍ସ ବଜାୟ ରଖିବା ଜନିତ ଅଭାବକୁ ଦୂର କରିବାର ଆବଶ୍ୟକତା ଜରୁରୀ ହୋଇପଡ଼ିଲା।

ଏକ ନୂତନ ସ୍ଲାଗ କାରର କ୍ରୟ ବ୍ୟୟ ସାପେକ୍ଷ ଏବଂ ଏଥିନିମନ୍ତେ ଦୁଇ ବର୍ଷରୁ ଅଧିକ ସମୟ ଲାଗୁଥିବାକୁ ଦୃଷ୍ଟିରେ ରଖି ବିଭାଗୀୟ ଦଳ ଏକ ଅଭିନବ ସମାଧାନ ଅନୁସନ୍ଧାନ କରିଥିଲା । ଏହା ସପ ଫ୍ଲୋରରେ ନିଷ୍କ୍ରିୟ ହୋଇ ପଡ଼ି ରହିଥିବା ଏକ ବି ଏଫ ସ୍ଲାଗ୍ କାର୍ ର ଅବ୍ୟବହୃତ 'ୟୁ ' ଫ୍ରେମ୍‌କୁ ଏକ ସମ୍ଭାବ୍ୟ ବିକଳ୍ପ ଭାବରେ ଚିହ୍ନଟ କରିଥିଲା। ଏହାର କାର୍ଯ୍ୟକାରିତା ଦୃଷ୍ଟିରୁ ଏସ ଏମ ଏସ -୧ ଟିମ ପାଇଁ ଏହି ଫ୍ରେମ୍ ର ପରିବର୍ତ୍ତନ ଏବଂ ପୁନଃଉଦ୍ୟୋଗ କରିବା ଏକ ଆହ୍ୱାନ ଥିଲା।

ସୂକ୍ଷ୍ମ ଇଞ୍ଜିନିୟରିଂ ଏବଂ ଅଭିନବ ସମାଧାନ ମାଧମରେ, ଏହି ଟିମ ଏସ ଏମ ଏସ -୧ ବିଭାଗର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିବା ପାଇଁ 'ୟୁ' ଫ୍ରେମ୍‌କୁ ପରିବର୍ତ୍ତନ କରାଯାଇଥିଲା। ଏଥିରେ ପରିମାପରେ ସଂଶୋଧନ କରାଯିବା ସହିତ ଏକ ମଜଭୁତ ରିଙ୍ଗ ଲକିଂ ମେକାନିଜିମ୍ ଏବଂ ପଟ୍ ଟିଲ୍ଟିଂ ମେକାନିଜିମ୍ ଡିଜାଇନ୍ ଏକତ୍ରିକରଣ କରାଯାଇଥିଲା। ଏହା ସହିତ, ପ୍ରକଳ୍ପର ସ୍ଥାୟୀ ପଦ୍ଧତି ଉପରେ ଗୁରୁତ୍ୱ ଦେଇ ପୁନଃସ୍ଥାପିତ ହୋଇଥିବା ବଗି ଫ୍ରେମ୍, ପଟ୍ ହୋଲ୍ଡିଂ ରିଙ୍ଗ, ଚକ ଆକ୍ସଲ୍ ସେଟ୍ ଏବଂ କପଲର୍ ଭଳି ଉପାଦାନଗୁଡ଼ିକୁ ଉଦ୍ଧାର, ପୁନଃସ୍ଥାପନ ଏବଂ ସଂସ୍ଥାପିତ କରାଯାଇଥିଲା।

ମେକାନିକାଲ ବିଭାଗ ର ସି ଜି ଏମ ଶ୍ରୀ ଆର ଏନ ରାଜେନ୍ଦ୍ରନ, ଡିଜାଇନ ଏଣ୍ଡ ସପ ବିଭାଗ ର ସି ଜି ଏମ , ଶ୍ରୀ ରବି ରଞ୍ଜନ, ଏସ ଏମ ଏସ -୧ ବିଭାଗ ର ସି ଜି ଏମ ସି ଜି ଏମ ଶ୍ରୀ ସୁନୀଲ କାର୍ଥ। ପରିବର୍ତ୍ତିତ ସ୍ଲାଗ୍ କାର୍ କୁ ଜାନୁଆରୀ ୧୩ ତାରିଖ ରେ ଉଦଘାଟନ କରିଥିଲେ। ଉଦଘାଟନୀ ଉତ୍ସବରେ ଷ୍ଟ୍ରକଚରାଲ ଏବଂ ଫେବ୍ରିକେସନ୍ ସପ, ପି ସି ଏସ ବିଭାଗର ଜିଏମ ଶ୍ରୀ ଏସ ସି ସାବତ, ଡିଜାଇନ ଏଣ୍ଡ ସପ ମେକାନିକାଲ ବିଭାଗର ଜି ଏମ , ଶ୍ରୀ ଶେଖର ନାରାୟଣଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ଏହି ପଦକ୍ଷେପର ଫଳସ୍ୱରୂପ ନୂତନ ସ୍ଲାଗ୍ କାର୍ କ୍ରୟକୁ ଏଡାଯାଇ ପ୍ରାୟ ୯୦ ଲକ୍ଷ ଟଙ୍କା ଖର୍ଚ୍ଚ ସଞ୍ଚୟ କରାଯାଇପାରିଛି। ଏତଦବ୍ୟତୀତ ଏହାବାହ୍ୟ କ୍ରୟ ସହିତ ଜଡିତ ଦୁଇ ବର୍ଷର ଲିଡ୍ ଟାଇମ୍ ଆବଶ୍ୟକତାକୁ ଦୂର କରିଛି। ଏହି ପୁନଃଉଦ୍ୟୋଗିତ ସ୍ଲାଗ୍ କାର୍ ଏବେ ସମ୍ପୂର୍ଣ୍ଣ କାର ?ୟକ୍ଷମ ହେବା ସହିତ ଏସ ଏମ ଏସ ୧ ବିଭାଗ ର ସ୍ଲାଗ୍ ଲଜିଷ୍ଟିକ୍ସ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି।

# ହରିଚନ୍ଦନପୁର ବ୍ଲକ କୃଷକ ସାଥୀଙ୍କ ନୂତନ କାର୍ଯ୍ୟକର୍ତ୍ତା ଚୟନ

ହରିଚନ୍ଦନପୁର, ୧୭/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକର ସମସ୍ତ କୃଷକ ସାଥୀଙ୍କୁ ନେଇ ଗୁରୁବାର ଦିନ ହାଟପଡ଼ିଆ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ମିଳିଥିବା ଖବର ଅନୁଯାୟୀ, ଉକ୍ତ ବୈଠକର ସଭାପତି ଭାବେ କୁରୁପତି ସେଠୀଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଉକ୍ତ ବୈଠକର ମୂଖ୍ୟ ଉଦ୍ଦେଶ୍ୟ, ପୂର୍ବତନ ସଭାପତିଙ୍କ ଇସ୍ତଫା ଗ୍ରହଣ, ନୂତନ କର୍ମକର୍ତା ଚୟନ, ନୂତନ କମିଟି ଗଠନ ନିମନ୍ତେ ପ୍ରସ୍ତାବ, ନୂତନ ସଭାପତି ଓ ସମ୍ପାଦକଙ୍କ କଥା ସମସ୍ତ କୃଷକ ସାଥୀ ମାନିବାକୁ ବାଧ ବୋଲି ସମସ୍ତ ମଧରେ ଆଲୋଚନା ହୋଇଥିଲା । ଏଥିପରେ ନୂତନ ସଭାପତି ଭାବେ ବାବୁଲା ମହାନ୍ତ, ଉପସଭାପତି ସୁବଳ ପଲେଇ, ସମ୍ପାଦକ ରଞ୍ଜନ ମହାକୁଡ଼, ସହସମ୍ପାଦକ କୁରୁପତି ସେଠୀ ଓ କୋଷାଧକ୍ଷ ଯୋଗେନ୍ଦ୍ର ମହାନ୍ତଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି ।

ଏଥିସହ ପରିଚାଳନା କମିଟି ମଧରେ ବେଲାଳ ସେନ ପାତ୍ର, ଯଦୁମଣି ଘଣା, କୃତିବାସ ସାହୁ, ଗୋପାଳ ଚନ୍ଦ୍ର ବେହେରା, ଯିବରଧନ ଦେହୁରୀ, ରୁବନ ମହାନ୍ତ, ରାମଚନ୍ଦ୍ର ମୁର୍ମୁ, ପ୍ରତାପ ଚନ୍ଦ୍ର ମହାନ୍ତଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି ।

# ଜାମଗାଁ ହାଇସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବଲାଙ୍ଗିର, ୧୭/୧ (ନି.ପ୍ର): ପୁଇଁତଲା ବ୍ଲକ ଅନ୍ତର୍ଗତ ଜାମଗାଁ ହାଇସ୍କୁଲର ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସାହୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପୁରୁଷୋତ୍ତମ କମ୍ପ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ରାଜକିଶୋର ପଣ୍ଡା,ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ଅଶୋକ ପଣ୍ଡା, ହିନ୍ଦୀ ଶିକ୍ଷକ ପ୍ରଭାତ ସାହୁ ମଂଚାସୀନ ଥିଲେ । କାର୍ଯ୍ୟକ୍ରମର ସଂଯୋଜନା ଶିକ୍ଷକ ଅଜିତ ରାଉତ, ଛାତ୍ରୀ ଅର୍ଚ୍ଚିତା ଡାଙ୍ଗ ଓ ଜ୍ୟୋତିର୍ମୟୀ ପଧାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ନମିତା ପାଣିଗ୍ରାହୀ। ସଭା ପରେ ଶିକ୍ଷକ ରାଜକିଶୋର ପଣ୍ଡାଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ନାଟକ 'ଚାଲ ପାଠ ପଢମା','ଦିନରାତି' ଓ 'ଦୁହେଁ ପାଗଳ' ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷକ ସଂଜୀବ ନାଏକ, ଦୁଃଖନାଶନ ବାଗ, ଶିବଶଙ୍କର ପାଣିଗ୍ରାହୀ, ହରେକୃଷ୍ଣ ନାଏକ, ସଚ୍ଚିଦାନନ୍ଦ ସାହୁ, ମହେଶ୍ୱର ଝାଙ୍କର, ବବୁଲୁ ଦେହୁରୀ, ସୌରଭ ନାଏକ, ଧିରେନ ସୁନା, ଶିକ୍ଷୟତ୍ରୀ ରଂଜିତା ରଣା, ପ୍ରତିଭା ମୁନା, ରୀତା ପଧାନ, ସୁକାନ୍ତି ସେଠ ଓ ଶିକ୍ଷା କର୍ମଚାରୀ ରାଜକିଶୋର ପଧାନ, ଦେବାଶିଷ ପଧାନ ସହଯୋଗ କରିଥିଲେ।

# ଟାଙ୍କୁଗୁଡା ଜଙ୍ଗଲରେ ଅବକାରି ଚଢ଼ଉ

ଜୟପୁର, ୧୭/୧ (ନି.ପ୍ର): ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଟାଙ୍କୁଗୁଡା ଜଙ୍ଗଲରେ ଆଜି ଦିନ ୧୦ ଟାରେ ଜୟପୁର ଅବକାରି ଥାନା ଚଢ଼ଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭଙ୍ଗିବା ସହ ୨୩ ଶହ ଲିଟର ପୋଚ ଓ ୮୯ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଆଦିକୁ ଜବତ କରିଥିବା ବିଷୟ ଅବକାରି ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି । ଏହି ଚଢଉ ଅପରାହ୍ନ ୩ଟାରେ ଶେଷ ହୋଇଛି ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ୍ ଶିବିର ଅନୁଷ୍ଠିତ



ସୋର, ୧୭/୧ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ସରକାରଙ୍କର 'ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ'ଙ୍କ ପୃଷ୍ଠପୋଷକତାରେ ୮ଦିନ ବ୍ୟାପୀ ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ନିୟମ ଅନୁଯାୟୀ ଶିବିରର ପ୍ରାରମ୍ଭ ଏବଂ ଅନ୍ତିମ ଦିବସରେ ଦୁଇଟି ସଭାର ଆୟୋଜନ କରାଯାଇଥିଲା । ଏଥିରେ ଅଧକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରି ନାରୀ ସଶକ୍ତିକରଣ ପାଇଁ ସାରା ଭାରତବର୍ଷରେ ଏହି କାର୍ଯ୍ୟକ୍ରମ ହେଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମ ଅଧିକାରିଣୀ ସୁଶ୍ରୀ ନିବେଦିତା ମଲ୍ଲିକ, ସଂଯୋଜକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ଅଧାପିକା ପୁଷ୍ପଲତା ପାଢ଼ୀ, ଅନ୍ନପୂର୍ଣ୍ଣା ଜେନା ଏବଂ ମାଷ୍ଟର ଟ୍ରେନର କୁମାର ମମତା ରାଉତ ନିଜ ନିଜ ବକ୍ତବ୍ୟରେ ଛାତ୍ରୀମାନଙ୍କୁ ନୈତିକ, ମାନସିକ ଓ ଶାରିରୀକ ଶକ୍ତି ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ । ନିଜର ଆତ୍ମ ବିଶ୍ୱାସ ବଳରେ ଅସାଧ ସାଧନ କରାଯାଇପାରେ ବୋଲି ସେମାନେ କହିଥିଲେ । ଏହି ତାଲିମକୁ ଉପଯୁକ୍ତ ସମୟରେ କାର୍ଯ୍ୟକାରୀ କରିବା ପାଇଁ ଛାତ୍ରୀମାନଙ୍କୁ ସଚେତନ କରିଥିଲେ । ପରିଶେଷରେ ଶ୍ରୀମତୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସଂଯୋଜକ ଡକ୍ଟର ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଏହି ଶିବିରରେ ୧୫୦ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ । ଏହି ଶିବିରର ସଫଳତା ପାଇଁ ପ୍ରାଧାପକ ପୂର୍ଣ୍ଣଚନ୍ଦ୍ର ବେହେରା, ଅଧାପକ ଅଜୟ କୁମାର ବାରିକ୍, ଡିଇଓ ଭରତ ଚନ୍ଦ୍ର ମାହାନା, କର୍ମଚାରୀ ଅତୁଲ ବିହାରୀ ପାଢ଼ୀ, ପ୍ରଦ୍ୟୁମ୍ନ କୁମାର ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ରାଉତ ସହଯୋଗ କରିଥିଲେ ।

# ଜିଲ୍ଲା ସ୍ୱତନ୍ତ୍ର ବିଦ୍ୟାଳୟରେ ଜାତୀୟ ଯୁବ ସପ୍ତାହ ପାଳନ

ମାଲକାନଗିରି, ୧୭/୧ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ ଆଜି ନାୟକଗୁଡା ସ୍ଥିତ ଜିଲ୍ଲା ସ୍ୱତନ୍ତ୍ର ବିଦ୍ୟାଳୟ ଠାରେ ଜାତୀୟ ଯୁବ ସପ୍ତାହ ପାଳନ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନେହେରୁ ଯୁବ କେନ୍ଦ୍ର ଦ୍ୱାରା ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୁବ ଅଧିକାରୀ ହରିଶ ରୂପଲ୍ ଯୋଗ ଦେଇଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଓ ଜିଲ୍ଲା ମୁଖ୍ୟାଳୟ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ଥିଲେ। ଜିଲ୍ଲା ସ୍ୱତନ୍ତ୍ର ବିଦ୍ୟାଳୟର ସୁପରିଟେଣ୍ଡେଂଟ ତଥା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବା ପାଇଁ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଗୋଟିଏ ବୃକ୍ଷ ମା ଙ୍କ ପାଇଁ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ବୃକ୍ଷ ରୋପଣ କରିଥିଲେ। ଜଙ୍ଗଲ ଓ ପରିବେଶ ବିଭାଗ ସହଯୋଗରେ କାର୍ଯ୍ୟକ୍ରମ କରୁଥିବା ସୃଷ୍ଟି ଏନଜିଓ ସଦସ୍ୟ ହୃଷୀକେଶ ପଣ୍ଡା ଯୋଗଦେଇ ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ଏହି ବିଦ୍ୟାଳୟରେ ଅଧୟନରତ ସମସ୍ତ ଛାତ୍ର ଛାତ୍ରୀ ମାନେ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ସେମାନଙ୍କ ମଧ୍ୟରେ ବହୁତ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ନେହେରୁ ଯୁବ କେନ୍ଦ୍ର କର୍ମଚାରୀ ଓ ଜିଲ୍ଲା ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

# ମରାମତି ହେଉନି ଅଙ୍ଗାରୀ-ଦେଉଳିଆ ପିଏମଜିଏସୱାଇ ରାସ୍ତା: ତୁରନ୍ତ ମରାମତି କରିବାକୁ ଦାବି



ବଡସାହି, ୧୭/୧ (ନି.ପ୍ର): ବଡସାହି ବ୍ଲକ ଅଧିନ ଦେଉଳିଆ ପଂଚାୟତ ଗ୍ରାମବାସୀଙ୍କ ବହୁ ଦିନର ଦାବୀକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି କାର୍ଯ୍ୟଟି ଅନୁମୋଦନ ହୋଇଥିଲା । ଫଳରେ ଅଙ୍ଗାରୀ ପୋଖରୀ ଠାରୁ ଦେଉଳିଆ ଦୀର୍ଘ ୩.୬୦କିମି ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ନିର୍ମାଣ କାର୍ଯ୍ୟ ୧ କୋଟି ୧୯ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ହୋଇଛି । ଏହା ୨ଡିସେମ୍ବର ୨୦୧୬ରେ ଆରମ୍ଭ ହୋଇ ୧ ସେପ୍ଟେମ୍ବର ୨୦୧୭ରେ କାର୍ଯ୍ୟ ଶେଷ ହେବାର ଥିବା ବେଳେ ୨୦୧୮ରେ ଏହା ସରିଥିଲା । ମାତ୍ର ଆବଶ୍ୟକ ସମୟରେ ରାସ୍ତା ମରାମତି କରାଯାଉ ନ ଥିବାରୁ ରାସ୍ତା ଗୁଡିକ ମରଣଯନ୍ତା ପାଲଟୁଛି । ସ୍ଥାନୀୟ ଲୋକେ ଏହାର କୁପରିଣାମ ଭୋଗିବା ସହିତ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦେଉଳିଆ ସହିତ ପଟିସାରୀ ଓ ଭୀମଦା ପଂଚାୟତର ଜନସାଧାରଣ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ପ୍ରତିଦିନ ଶହଶହ ଗାଡି ମଟର ଏହି ରାସ୍ତା ଦେଇ ଚଳପ୍ରଚଳ କରିଥାଏ । ଫଳରେ ଦେଉଳିଆ ସମିତି ସଭ୍ୟ ନିହାର ରଂଜନ ମହାପାତ୍ର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଏହି ରାସ୍ତାର ତୁରନ୍ତ ମରାମତି ଦାବୀ କରିଛନ୍ତି । ଏତଦବାଦ ଦେଉଳିଆ-ପଟିସାରୀ ରାସ୍ତାର ଥିବା ଏକ ନାଳ ଉପରେ ଉଚ୍ଚ ପୋଲ ନିର୍ମାଣ ସହିତ ରାସ୍ତାର ମରାମତି ମଧ୍ୟ ଆବଶ୍ୟକ ବୋଲି ଆଲୋଚନା କରିଛନ୍ତି । ତତ୍କାଳୀନ ସମୟରେ ଅଙ୍ଗାରୀ- ଦେଉଳିଆ ରାସ୍ତା କାମରେ ବ୍ୟାପକ ଅନିୟମିତତା କରାଯାଇ ଅଟକଳକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିଲା । ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଥିଲେ । ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବା ନେଇ ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଥିଲେ । ଯାହା ଫଳରେ ଗ୍ରାମବାସୀ ଜିଲ୍ଲାପାଳ,ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ,ଭିଜିଲାନ୍ସ ଏସ.ପି.ବାଲେଶ୍ୱର ଓ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏପରିକି ଗ୍ରାମ୍ୟ ଉନ୍ନୟନ ବିଭାଗର ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ମଧ୍ୟ ତଦନ୍ତରେ ଆସି ଠିକାଦାରଙ୍କୁ ତାଗିଦ କରିଥିଲେ । ତା ସତ୍ତ୍ୱେ ମଧ୍ୟ ୧ବର୍ଷ ଭିତରେ ପିଚୁ ଉଠିଥିଲା । ଏହି ରାସ୍ତା ନିର୍ମାଣର ଚୁକ୍ତି ଅବଧି ମଧ୍ୟ ୫ବର୍ଷ ବିଭାଗ ପକ୍ଷରୁ ରଖାଯାଇଥିଲା । ମାତ୍ର କାମ ସରିବାର ଏକ ବର୍ଷ ପରେ ରାସ୍ତାରୁ ପିଚୁ ଉଠିଯିବାରୁ ବାରମ୍ବାର ଅଭିଯୋଗ ପରେ ୫ଶହ ମିଟର ପାଖାପାଖି ରାସ୍ତା ମରାମତି ହୋଇଥିଲା । କିଛି ମାସ ପରେ ପୁଣି ସେହି ରାସ୍ତାରେ ପିଚୁ ଓ ଚିପ୍ସ ଉଠିଯିବା ଫଳରେ ଲୋକ ମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ମାତ୍ର ଠିକାଦାର ଆଉ ରାସ୍ତା ମରାମତି କରି ନ ଥିଲେ । ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ୍ନ ବିଭାଗର ଏସଡିଓ ରାଜେଶ ପ୍ରଧାନ ଠିକାଦାରଙ୍କୁ ତାଗିଦ କରିବା ସହିତ ଚିଠି କରିବା ପରେ ରାସ୍ତା ମରାମତି ହୋଇଥିଲା । ବର୍ତ୍ତମାନ ଏହି ରାସ୍ତା ମରଣଯନ୍ତା ସଦୃଶ ହୋଇଛି । ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବା ବେଳେ ରାସ୍ତାରୁ ପିଚୁ ଓ ଚିପ୍ସ ଉଠି ଗଡଗଡ ହେଉଛି । ଟିକେ ଅସାବଧାନତା ହେଲେ ବହୁ ଲୋକ ପଡି ଖଣ୍ଡିଆ ଖାବରା ହେବା ଓ ଦୁର୍ଘଟଣା ଘଟିବା ମଧ୍ୟ ନଜିର ମଧ୍ୟ ରହିଛି । ଅଗାଶୋଳ, ଭାଲୁବସା ଛକ ଓ ଦେଉଳିଆ ନିକଟରେ ରାସ୍ତା ବହୁତ ଖରାପ ହୋଇଥିବାର ଦେଖାଯାଇଛି । ବିଭାଗ ପକ୍ଷରୁ ଯଦି ଏହାର ମରାମତି ପାଇଁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କହିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହନ୍ତି, ପ୍ରସ୍ତାବ ରହିଛି ,ଖୁବ ଶୀଘ୍ର ଟେଣ୍ଡର ହୋଇ ଏହାର ମରାମତି ଆରମ୍ଭ ହେବ ।

# ଜଳେଶ୍ୱର ମହୋତ୍ସବ କମିଟିର ଅଫିସ ଗୃହ ଉଦ୍‌ଘାଟନ ସହିତ ପୂଜାର୍ଚ୍ଚନା ଅନୁଷ୍ଠିତ



ଜଳେଶ୍ୱର, ୧୭/୧ (ନି.ପ୍ର): ଜଳେଶ୍ୱର ମହୋତ୍ସବ କମିଟିର ସଭାପତି ବରିଷ୍ଠ ଆଇନଜୀବି ଶ୍ରୀଯୁକ୍ତ ଜିତାଂଶୁ ଶେଖର ନନ୍ଦୀଙ୍କ ଆହ୍ୱାନରେ ଜଳେଶ୍ୱର ଏସଡିପିଓ ଦୀଲିପ କୁମାର ସାହୁ ଆନୁଷ୍ଠାନିକ ଭାବେ ଅଫିସ ଗୃହକୁ ଉଦ୍ଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ଆଇଆଇସି ରଂଜନ କୁମାର ସେଠୀ ଉପସ୍ଥିତ ଥିଲେ ।କନଭେନର ତଥା ବରିଷ୍ଠ ଆଇନଜୀବି ସତ୍ୟସୁନ୍ଦର ଦାସ,ଦିଲ୍ଲୀପ କୁମାର ଗିରି,ଡଃ ଅଜିତ କୁମାର ମହାନ୍ତି,ସମୀର କୁମାର ପାତ୍ର,ଗୋବିନ୍ଦ ଚନ୍ଦ୍ର ସାହୁ,ଗୋପାଳ ଚନ୍ଦ୍ର ସାହୁ,ସୁବ୍ରତ ରଣା, ଇଞ୍ଜିନିୟର ରାମ ଚନ୍ଦ୍ର ସାହୁ, ଶିଶିର ହୁଇ, ମଧୁସୁଦନ ଦତ୍ତ, ସିତାଶୁ ଶେଖର ସେନାପତି, ସମ୍ପାଦକ ସୁଶାନ୍ତ ଦାସ ସୁକୁମାର ରଣା, ରବିନ୍ଦ୍ରନାଥ ସେନାପତି, ଗିରିଜା ସଙ୍କର ଦାସ ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ ଓ ମେଳା ର ସଫଳତା ସମ୍ପର୍କରେ ଅବଗତ କରାଇଥିଲେ। ଆଗାମୀ ୨୦୨୫ ପାଇଁ ବିଭିନ୍ନ ପ୍ରସ୍ତାବ ପାଇଁ ସଦସ୍ୟ ମାନେ ଉପସ୍ଥାପନ କରିଥଲେ। ଚଳିତ ବର୍ଷର ମେଳା ତା୨୯/୧/୨୦୨୫ ରିଖ ରୁ ଆରମ୍ଭ ହୋଇ ତା୭/୨/୨୦୨୫ ରିଖ ୮/୨/୨୦୨୫ ରଖ ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ୯/୨/୨୦୨୫ ରଖ ରେ ପ୍ରତିବର୍ଷ ଭଳି ୧୪ ରୁ ୧୫ ହଜାର ଲୋକ ପ୍ରସାଦ ସେବନ କାର୍ଯକ୍ରମ ଅନୁଷ୍ଠିତ ହେବ। ପୂର୍ବ ବର୍ଷ ପରି ଗଣ ଦୌଡ଼, ରକ୍ତଦାନ ଶିବିର, କବିତା ଆସର,ଜଳେଶ୍ୱର ମହୋତ୍ସବର ସ୍ମରଣିକା, ଆକର୍ଷଣୀୟ ତୋରଣ ଗେଟ୍, ଜାନୁଆରୀ ୨୬ ରେ ମହୋତ୍ସବ ପଡ଼ିଆରେ ବିଭିନ୍ନ ସ୍କୁଲର ପିଲାମାନଙ୍କ ଦ୍ୱାରା ପେରେଡ କାର୍ଯ୍ୟକ୍ରମ ପରେ ସ୍କୁଲ କଲେଜ ପିଲା ମାନଂକ ଦ୍ୱାରା ଶିକ୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ତୃତୀୟ ଅନୁଷ୍ଠାନ ପ୍ରତିଯୋଗି ଙ୍କୁ ପୁରସ୍କୃତ କରାଯିବ। ମହୋତ୍ସବ ର ଆରମ୍ଭ ରେ ଏକ ଶୁଶୋଭିତ ପଟୁଆର କାଳୀ ମନ୍ଦିର ଠାରୁ ବାଜା ରୋଷଣୀ,ଆଦିବାସୀ ନୃତ୍ୟ ସହିତ ଆମ ସଂସ୍କୃତି ତଥା ଆମ ଓଡ଼ିଆ ଅସ୍ମିତା, ଜଗନ୍ନାଥ ସଂସ୍କୃତି ତଥା ବିଶାଳ ଆକର୍ଷଣୀୟ ମନଲୋଭା ପଟୁଆର ରେ ଆସି ବଡ଼ବଜାର ସ୍ଥିତ ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଆସି ଉଦଘାଟନ ଉତ୍ସବର ମୁଖ୍ୟ ଅତିଥି ଦ୍ୱାରା ମୁଖ୍ୟ ତୋରଣ ର ପ୍ରାରମ୍ଭରେ ଅଗ୍ରପୂଜ୍ୟ ପ୍ରଭୁ ଗଣେଶଙ୍କୁ ପୂଜାର୍ଚ୍ଚନା ପରେ ମୁଖ୍ୟ ଅତିଥି ଦ୍ୱାରା ଉଦଘାଟନ ପତାକା ଉତ୍ତୋଳନ କରି ସଭା କାର୍ଯ୍ୟ ଅନୁଷ୍ଠିତ ହେବ ।ଆକର୍ଷଣୀୟ ଗେଟ୍, ଷ୍ଟଲ,ସିନେ ଓ ଟିଭି ତାରକା ଓ ନୃତ୍ୟ ବିଚିତ୍ରା ଓ ମେଲୋଡି କାର୍ଯ୍ୟ କ୍ରମ, ପ୍ରତିଭା ଅନ୍ୱେଷଣ କାର୍ଯ୍ୟ କ୍ରମ ଅନୁଷ୍ଠିତ ହେବ ବୋଲି ପ୍ରକାଶ କରିଥିଲେ।

## ଦକ୍ଷତା ବିକାଶ କର୍ମଶାଳା ଆୟୋଜିତ

ଭୁବନେଶ୍ୱର, ୧୭/୧ (ନି.ପ୍ର):ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧିକ୍ଷଙ୍କୁ ନେଇ ଏକ ଦିବସୀୟ ଦକ୍ଷତା ବିକାଶ କର୍ମଶାଳା କୃଷି ଭବନର ଅଡିଟୋରିୟମରେ ଆୟୋଜନ କରାଯାଇଛି । ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟର ୫୦ ଜଣ ଭାରପ୍ରାପ୍ତ ଅଧକ୍ଷ ଏବଂ ଧନ୍ଦାମୂଳକ ଉଚ୍ଚ ମାଧମିକ ବିଦ୍ୟାଳୟର ୧୦୦ ଜଣ ଭାରପ୍ରାପ୍ତ ଅଧକ୍ଷଙ୍କୁ ନେଇ ଏହି ଦକ୍ଷତା ବିକାଶ କର୍ମଶାଳା ଆୟୋଜନ କରାଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ କାଳିପ୍ରସନ୍ନ ମହାପାତ୍ର ଯୋଗଦେଇ ଭାରପ୍ରାପ୍ତ ଅଧକ୍ଷମାନଙ୍କୁ ନିଷ୍ପାର ସହ କର୍ତ୍ତବ୍ୟ ପାଳନ କରିବା ନିମନ୍ତେ ପ୍ରୋତ୍ସାହିତ କରିଛନ୍ତି । ଉଦଘାଟନୀ ସମାବେଶରେ ଉଚ୍ଚ ମାଧମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ରଘୁରାମ୍ ଆର୍ ଆୟାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧମିକ ଶିକ୍ଷା ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଶ୍ୱଜିତ ଘୋଷ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି ମଧ ଉପସ୍ଥିତ ଥିଲେ । ଏହି ଅବସରରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଶ୍ରୀ ମହାପାତ୍ର କହିଛନ୍ତି, ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ବୃଦ୍ଧି ପାଇଛି, ଡ୍ରପ୍ ଆଉଟ୍ ହାର କମିବା ସହ ପିଲାମାନଙ୍କୁ ଠିକ୍ ସମୟରେ ପାଠ୍ୟପୁସ୍ତକ ପ୍ରଦାନ କରାଯାଉଛି । ରାଜ୍ୟର ବିକାଶରେ ଛାତ୍ରଛାତ୍ରୀମାନଙ୍କ ଅଂଶୀଦାରକୁ ବୃଦ୍ଧି କରିବା ନିମନ୍ତେ ସେମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ଜରୁରୀ, ଏଥି ନିମନ୍ତେ ବିଦ୍ୟାଳୟର ଅଧକ୍ଷମାନଙ୍କ ବେଶ୍ ଭୂମିକା ରହିଛି । ସେ ଅଧକ୍ଷମାନଙ୍କୁ ସମ୍ବୋଧିତ କରି ବିଦ୍ୟାଳୟର ଶିକ୍ଷାର ମାନକୁ ବୃଦ୍ଧି କରିବା ପାଇଁ ଆହ୍ୱାନ କରିଥିଲେ ।

# ନରସିଂହପୁର ମଧ୍ୟୋଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ




ବାସୁଦେବପୁର, ୧୭/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ମଧ୍ୟୋଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ବାସନ୍ତୀ ପଡିଆ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବିଡ଼ିଓ ସଞ୍ଜୀବ କୁମାର ସାହୁ ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବେତଡ଼ା ଶାଖା କାନାଡା ବ୍ୟାଙ୍କ୍ ମ୍ୟାନେଜର ମନୋଜ କୁମାର ମଲ୍ଲିକ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ କୁମାର ପଣ୍ଡା, ସଦସ୍ୟ ଇଞ୍ଜିନିୟର ଭାଗିରଥୀ ମହାପାତ୍ର, ସମିତି ସଭ୍ୟା ଅନିତା ଲେଙ୍କା। ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ସଭାପତିତ୍ୱ କରିବା ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ହରେକୃଷ୍ଣ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ଦୈତାରୀ ମହାରଣା ଖେଳ ପରିଚାଳନା କରିଥିଲେ। ନରସିଂହପୁର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରମାକାନ୍ତ ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଦୌଡ, ଲଙ୍ଗ ଜମ୍ପ, ହାଇ ଜମ୍ପ, ମୁଜିକ ଚେୟାର ପ୍ରଭୃତି ବିଭିନ୍ନ ପ୍ରକାର ଖେଳ ଅନୁଷ୍ଠିତ ହୋଇ ଥିଲା। ଶିକ୍ଷୟତ୍ରୀ ଆରତିଲତା ଧର, ମିନତୀ ପଣ୍ଡା,ଆରତୀ ଲତା ନାୟକ, ଭାନୁମତୀ ଶଙ୍ଖୁଆ, ଶିକ୍ଷକ ଦୟାନିଧି ପଲାଇ, ଶିକ୍ଷା କର୍ମଚାରୀ ଶ୍ରୀଧର ବାରିକ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ। ଶହୀଦ ତୀର୍ଥଯାତ୍ରୀ ସଂଘ ପ୍ରତିଷ୍ଠାତା ବୈଲୋଚନ ଜେନା ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ।

# ନୀଳମଣି କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ




ରୂପସା, ୧୭/୧ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ନୀଳମଣି ମହାବିଦ୍ୟାଳୟ ଆନୁକୂଲ୍ୟରେ ୭ଦିନ ବ୍ୟାପୀ ଅନୁଷ୍ଠିତ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍ ?ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରା ଏହି ଉଦ୍ଯାପନୀ ଉତ୍ସବରେ ଅଧକ୍ଷତା କରି ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ଆବଶ୍ୟକତା ଓ ବିବିଧ କୌଶଳ ସମ୍ବନ୍ଧରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରାଧ୍ୟାପକ ସରୋଜ କୁମାର ପାଣି ଯୋଗଦେଇ ସୁରକ୍ଷିତ ସମାଜ ଗଠନ ନିମନ୍ତେ ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଅଧାପକ ଶମ୍ଭୁନାଥ ଗିରି, ଅଧାପିକା ପିନାକି ପଣ୍ଡା, ଅଧାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଯୋଗଦେଇ ତାଲିମ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ତାଲିମ ଶିବିରର କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ଦେବସ୍ମିତା ଭୂୟାଁ କାଳୋପଯୋଗୀ ବ୍ୟବସ୍ଥାରେ ଶିବିରାର୍ଥୀଙ୍କୁ ଆତ୍ମରକ୍ଷା କୌଶଳ ନିହାତି ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ । ମାଷ୍ଟର ଟ୍ରେନର ଅନାମିକା ପ୍ରଧାନ, ଅନିତା ସାହୁ ଓ ଗୀତୁଶ୍ରୀ ରାଉତ ଏହି ଶିବିରରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳମାନ ତାଲିମ ଦେଇଥିଲେ । ଏହି ଅବସରରେ ଶିବିରାର୍ଥୀମାନଙ୍କୁ ଅଧକ୍ଷ ଡ. ବେହେରା ମାନପତ୍ର ପ୍ରଦାନ କରିଥିଲେ । ଅନ୍ୟତମ ସଂଯୋଜିକା ଅଧାପିକା ରଶ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଏହି ଶିବିରରେ ମହାବିଦ୍ୟାଳୟ ଯୁକ୍ତ୨ ପ୍ରଥମବର୍ଷର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଜାନୁଆରି ୩୧ରୁ ...

ପ୍ରତିଥର ଭଳି ଏଥର ମଧ ଅର୍ଥମନ୍ତ୍ରୀ ଫେବ୍ରୁଆରି ପହିଲାରେ ସାଧାରଣ ବଜେଟ୍ ଉପସ୍ଥାପନ କରିବେ। ସଂସଦର ଉଭୟ ଗୃହର ମିଳିତ ଅଧିବେଶନ ପରେ ଅର୍ଥନୈତିକ ସର୍ଭେ ଉପସ୍ଥାପନ କରାଯିବ। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ଦିଲ୍ଲୀ ନିର୍ବାଚନ ଦିନ ସଂସଦର କୌଣସି କାର୍ଯ୍ୟକଳାପ ହେବ ନାହିଁ। ଫେବ୍ରୁଆରି ୩ ତାରିଖରୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ ହେବ।

## ଉତ୍କର୍ଷ ଓଡ଼ିଶାକୁ ନେଇ...

ସହ ୮ଟି ପ୍ରକଳ୍ପ ଉପରେ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ରାଜ୍ୟ ସରକାର। ୨ ଦିନିଆ ଓଡ଼ିଶା ଗସ୍ତରେ ଥିବା ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ୍ ଶନ୍ମୁଗରତ୍ନମଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଇଣ୍ଡଷ୍ଟ୍ରିଆଲ ପାର୍କ, ଗ୍ରୀନ୍ ହାଇଡ୍ରୋଜେନ୍ ମାନୁଫାକ୍ଚରିଂ, ଗ୍ରୀନ୍ ସିପିଂ କରିଡର୍, ସେମିକଣ୍ଡକ୍ଟର, ନୂତନ ସହର ବିକାଶ, ପେଟ୍ରୋକେମିକାଲ୍ ଓ ଦକ୍ଷତା ବିକାଶ ଆଦି କ୍ଷେତ୍ରରେ ଏହି ଏମ୍‌ଓୟୁ ହୋଇଛି। ଉତ୍କର୍ଷ ଓଡ଼ିଶା କନକ୍ଲେଭକୁ ଦୃଷ୍ଟିରେ ରଖି ନିବେଶକଙ୍କୁ ଆକୃଷ୍ଟ କରିବାକୁ ଗତବର୍ଷ ନଭେମ୍ବରରେ ସିଙ୍ଗାପୁର ଗସ୍ତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀ। ଏହି ଗସ୍ତ ଅବସରରେ ଓଡ଼ିଶା ସରକାରଙ୍କ ଅନୁରୋଧ ରକ୍ଷା କରି ସିଙ୍ଗାପୁର ରାଷ୍ଟ୍ରପତି ଓଡ଼ିଶା ଆସିଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ। ଆଜି ଭୁବନେଶ୍ୱର ସ୍ଥିତ ୱାର୍ଲ୍ଡ ସ୍କିଲ ସେଣ୍ଟର ପରିଦର୍ଶନ କରିଥିଲେ ଶନ୍ମୁଗରତ୍ନମ । ପାରାଦୀପରେ ବନ୍ଦର ତିଆରି ଓ ମରାମତି କାରଖାନା ସଂପର୍କରେ ମଧ ପାଇଁ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ସହ ଆଲୋଚନା ଆଜି ହୋଇଥିବା ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଗତକାଲି ସିଙ୍ଗାପୁରର ୧୫ ଜଣିଆ ଟିମ୍ ପାରାଦୀପ ବନ୍ଦର ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ସିଙ୍ଗାପୁରରୁ ଅଧିକରୁ ଅଧିକ ପ୍ରତିନିଧି ଦଳ ଯୋଗ ଦେବାକୁ ସେଠାକାର ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ । ଶିଳ୍ପ ମନ୍ତ୍ରୀ ସଂପଦ ସ୍ୱାଇଁ ଏହି ସୂଚନା ଦେଇଥିବା ବେଳେ, ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି- ରାଜ୍ୟରେ ନୂଆ ସହର ଗଠନ ପାଇଁ ସୁରବନ ଜୁରଙ୍ଗ ସହ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହାଫଳରେ ବହୁ ନୂଆ ଘଇଉ ଗଠନ ହେବ ଏବଂ ଅନେକ ଘଇଉ ମ୍ୟୁନିସପାଲିଟିରେ ରୂପାନ୍ତରିତ ହେବ । ଖୁବଶୀଘ୍ର ରାଜ୍ୟ ସରକାର ଏନେଇ ନିଷ୍ପତ୍ତି ନେବେ ।

## ଏଇ ମାସ ଶେଷ ସପ୍ତାହରେ...

ତେଣୁ ଚତୁର୍ଥ ପର୍ଯ୍ୟାୟ ପୂର୍ବରୁ ସେମାନଙ୍କୁ କେୱାଇସି ଅପଡେଟ କରିବାକୁ ପୁଣି ଥରେ ଅପିଲ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁ ୫ ଲକ୍ଷ ମହିଳାଙ୍କ କେୱାଇସି ଅପଡେଟ ନଥିଲା ସେଥିରୁ ୩ ଲକ୍ଷ ମହିଳା କେୱାଇସି ଅପଡେଟ କରିଛନ୍ତି। ସେମାନଙ୍କୁ ତୃତୀୟ ପର୍ଯ୍ୟାୟରେ ସାମିଲ କରାଯିବ। ଅନ୍ୟପଟେ ଅଜାଣତରେ ଅପ୍ଟ ଆଉଟ୍ ହୋଇଥିବା ୩୧ ହଜାର ମହିଳାଙ୍କ ମଧ୍ୟରୁ ୧୭ ହଜାର ମହିଳା ପୁଣି ଥରେ ଅପ୍ଟ ଇନ୍ କରିଛନ୍ତି। ବାକି ୧୪ ହଜାର ମହିଳା ଆୟକର ବର୍ଗର ହୋଇଥିବାରୁ ଅପ୍ଟ ଇନ୍ କରୁନଥିବା କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ବଡ଼ କଥା ହେଲା ଚତୁର୍ଥ କିସ୍ତି ପରେ ବି ଯଦି କେହି କେୱାଇସି ଅପଡେଟ କରୁଛନ୍ତି କିମ୍ବା ଅପ୍ଟ ଇନ୍ କରୁଛନ୍ତି ସେମାନଙ୍କୁ ବି ସୁଯୋଗ ଦେବେ ସରକାର। ଏବେ ଯାଏଁ ୩ଟି ପର୍ଯ୍ୟାୟରେ ପ୍ରାୟ ୮୦ ଲକ୍ଷରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଟଙ୍କା ଦେଲେଣି ସରକାର। ଚତୁର୍ଥ ପର୍ଯ୍ୟାୟରେ ୨୦ ଲକ୍ଷରୁ ଅଧିକ ମହିଳାଙ୍କୁ ଯୋଜନାରେ ସାମିଲ କରି କୋଟିଏ ହିତାଧିକାରୀ ସାମିଲ କରିବାକୁ ଲକ୍ଷ୍ୟ ରଖିଥିଲା ବିଭାଗ। କିନ୍ତୁ ଆକାଉଣ୍ଟ ମିସମ୍ୟାଚ, କେୱାଇସି ଅପଡେଟ୍, ଅଜାଣତରେ ଅପ୍ଟ ଆଉଟ ଭଳି କାରଣ ପାଇଁ ୨୦ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରି ହେଉନଥିଲା। ସେଥିପାଇଁ ବାଦ୍ ପଡିଥିବା ମହିଳାଙ୍କୁ ଆଉ ଥରେ ସୁଯୋଗ ଦେବାକୁ ଡିସେମ୍ବର ପରିବର୍ତ୍ତେ ଜାନୁଆରୀ ଶେଷରେ ଚତୁର୍ଥ ପର୍ଯ୍ୟାୟ ଟଙ୍କା ଦେବାକୁ ସ୍ଥିର କରିଛନ୍ତି ସରକାର। ଏପଟେ ଆରମ୍ଭରୁ ଆବେଦନ କରିଥିଲେ ବି ୩ ଟି ପର୍ଯ୍ୟାୟ ପରେ ଟଙ୍କା ଆସିନଥିବାରୁ ଆଶାଆଶଙ୍କାରେ ଆବେଦନକାରୀ। ବାରମ୍ବାର ବାଦ୍ ପଡୁଥିବା ଏବଂ କେୱାଇସି ନଥିବା ମହିଳାଙ୍କୁ ଯୋଡିବାକୁ ବି ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି ବିଭାଗ। ଅଙ୍ଗନୱାଡି କର୍ମୀଙ୍କୁ ସେମାନଙ୍କ ଘରେ ପହଞ୍ଚିବାକୁ କୁହାଯାଇଛି। ଯଦି ଆପଣ ବି କେୱାଇସି ଅପଡେଟ କରିନାହାନ୍ତି ତାହେଲେ ଜଲ୍‌ଦି ବାୟୋମେଟ୍ରିକ ଜରିଆରେ କେୱାଇସି ଅପଡେଟ କରିଦିଅନ୍ତୁ।

## ବୁଲିଲା ବୁଲଡୋଜର...

ବିଡିଏ ଆଜି ମଧ୍ୟାହ୍ନ ୧୨ଟାରେ ପହଞ୍ଚି ଆଶ୍ରମରେ କରିଥିଲା ଉଚ୍ଛେଦ । ତାହାରି ଭିତରେ ବୁହା ଚାଲିଥିଲା ଆଶ୍ରମର ବାବା ପଣ୍ଡିତ କାଶୀନାଥ ମିଶ୍ର ଏବଂ ତଥାକଥିତ କୁନୀ କଳ୍କୀର ଆସ୍ଥାନ, ଯାନବାହନ, ଆସବାବପତ୍ର । ଠିକ୍ ଏତିକି ବେଳକୁ ଆଶ୍ରମ ସମର୍ଥକ ପହଞ୍ଚି ଆରମ୍ଭ କରିଦେଇଥିଲେ ହାଇଡ୍ରାମା । କିଏ ସାଷ୍ଟାଙ୍ଗ ପ୍ରଣିପାତ ହୋଇ ଲୁହ ଛଳ ଛଳ ତ ଆଉ କିଏ କହୁଥିଲେ ନିନ୍ଦା ଅପବାଦକାରୀ ଦିନେ ଆସି ଏଇଠି କାନ୍ଦିବେ ମୁଣ୍ଡ ଗଡ଼ାଇ । ତାହାରି ଭିତରୁ ସାମ୍ନାକୁ ଆସିଥିଲା ହାରମୋନିୟମ୍, ଧନୁତୀର ଭଳି ଗୋଟିଏ ପରେ ଗୋଟିଏ ସାମଗ୍ରୀ । ଧାର୍ମିକ ଓ ଆଧ୍ୟାତ୍ମିକ ଚେତନା ନାଁରେ ଜବରଦଖଲ ସରକାରୀ ଜମି ଉପରେ ଦୀର୍ଘଦିନ ଧରି ମୁଖ୍ୟ ତତ୍ତ୍ୱାବଧାରକ ତଥା ସୁଧର୍ମା ସଭାର ସଭାପତି ପାଣ୍ଡବ ପରିଡ଼ାଙ୍କ ନେତୃତ୍ୱରେ ଚାଲିଥିଲା ସାମ୍ରାଜ୍ୟ । ପଣ୍ଡିତ କାଶୀନାଥ ମିଶ୍ରଙ୍କୁ ଗୁରୁ ଏବଂ ତାଙ୍କ ନାବାଳକ ପୁଅକୁ କଳ୍କୀ ଅବତାର ଦର୍ଶାଇ ନାନା କେଳେଙ୍କାରୀ ଚଳାଇଥିବା ଅଭିଯୋଗ ଉଠିଥିଲା। ତଥାକଥିତ କଳ୍କୀ ବାବା ପଟିଆ ଅଞ୍ଚଳରେ କେବେ କାଫେରେ ଝିଅ ମାନଙ୍କ ସହ ବସାଉଠା ତ ଆଉ କେବେ ଟଙ୍କା ଉଡ଼ାଉଥିବାର ଅଭିଯୋଗ ବି ହେଉଥିଲା । ତା'ପରଠୁ ବିବାଦୀୟ ହୋଇଥିଲା ଆଶ୍ରମ। ତେଣେ ସରକାରୀ ଜମି ଜବରଦଖଲର ପ୍ରମାଣ ପାଇଥିଲା ଏଇ ଏବଂ ବିଡିଏ । ତେବେ ଆଶ୍ରମର ନିର୍ମାଣ ଉପରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ଗତ ନଭେମ୍ବର ୨୧ରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଥିଲେ। ସମ୍ପୃକ୍ତ ଜମି ଉପରେ ବୈକୁଣ୍ଠ ଧାମ ଟ୍ରଷ୍ଟ ପକ୍ଷରୁ ଯୋଗ ଶିକ୍ଷା ଦିଆଯାଉଛି ଏବଂ ସେହି ଜମିକୁ ଟ୍ରଷ୍ଟକୁ ହସ୍ତାନ୍ତର କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଏଇ ବିଭାଗକୁ ସୁପାରିଶ କରାଯାଇଛି ବୋଲି ଆବେଦନକାରୀ ହାଇକୋର୍ଟରେ ଦର୍ଶାଇଥିଲେ । କିନ୍ତୁ ଆଶ୍ରମ ପକ୍ଷରୁ ଦାଖଲ ଅନୁମତି ପତ୍ର ନକଲି ବୋଲି ଜଣାପଡ଼ିବା ପରେ ଏବଂ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ ପରେ କୋର୍ଟ ନିଜ ଅନ୍ତରୀଣ ନିର୍ଦ୍ଦେଶକୁ ହଟାଇ ଦେଇଥିଲେ। ଏହାସହ ସରକାରଙ୍କ ସତ୍ୟପାଠ ଆଧାରରେ ଜବାବ ଦାଖଲ କରିବାକୁ ଆଶ୍ରମ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାର ଶୁଣାଣି ଆସନ୍ତା ଫେବୃଆରୀ ୩ରେ ହେବ। କିନ୍ତୁ କୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ଉଠିଥିବାରୁ ଆଜିଠୁ ଆଶ୍ରମକୁ ଭାଙ୍ଗିଛି ପ୍ରଶାସନ। କାଲି ବି ଭଙ୍ଗା ହେବ। ଆଶ୍ରମ ଏବେ ମାଟିରେ ଲୋଟୁଥିବାବେଳେ କୁଆଡ଼େ ଗଲେ ମୁଖ୍ୟ ତତ୍ତ୍ୱାବଧାରକ ତଥା ସୁଧର୍ମା ସଭାର ସଭାପତି ପାଣ୍ଡବ ପରିଡ଼ା ଏବଂ ପଣ୍ଡିତ କାଶୀନାଥ ମିଶ୍ର ? କେଉଁଠି ଅଛନ୍ତି ତଥାକଥିତ ନାବାଳକ କଳ୍କୀ ଅବତାରୀ ? ଏଭଳି ନାନା ପ୍ରଶ୍ନ ଭିତରେ ପଣ୍ଡିତ କାଶୀନାଥ କିମ୍ବା ପାଣ୍ଡବ ପରିଡ଼ାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନି।

## ଜିଡିପିରେ ଭାରତ...

ଅଭିବୃଦ୍ଧି ହାର ୨.୭ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ଏଭଳି ସ୍ଥିତିରେ ବିଶ୍ୱର ପ୍ରମୁଖ ଦେଶର ଅର୍ଥନୀତି ତୁଳନାରେ ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ସ୍ପଷ୍ଟ ହୋଇଛି ।୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ହାର ୬.୭ ପ୍ରତିଶତ ରହିବ ବୋଲି ଗ୍ଲୋବାଲ ଇକୋନୋମିକ୍ ପ୍ରୋସ୍ପେକ୍ଟସ୍ ରିପୋର୍ଟରେ ଆକଳନ କରାଯାଇଛି। ଏହି ରିପୋର୍ଟରେ କୁହାଯାଇଛି ସେବା କ୍ଷେତ୍ରରେ କ୍ରମାଗତ ସମ୍ପ୍ରସାରଣ ଏବଂ ଉତ୍ପାଦନ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ଆଶା କରାଯାଉଛି । ଭାରତ ସରକାରଙ୍କ ଲଜିଷ୍ଟିକ୍ ଭିତ୍ତିଭୂମି ସଂସ୍କାର ଏବଂ ଟିକସ ସଂସ୍କାର ପଦକ୍ଷେପ ଏହି କ୍ଷେତ୍ରଗୁଡ଼ିକୁ ପ୍ରୋତ୍ସାହନ ଦେବ । ୨୦୨୫ ଓ ୨୦୨୬ରେ ବିଶ୍ୱ ଅର୍ଥନୀତି ୨.୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି ।

# ଅଭିଜ୍ଞତା ଆଦାନ ପ୍ରଦାନ ଓ ପରାମର୍ଶ କର୍ମଶାଳା ଅନୁଷ୍ଠିତ

ଭୁବନେଶ୍ୱର, ୧୭/୧ (ନି.ପ୍ର): କର୍ମଚାରୀମାନଙ୍କର ଦକ୍ଷତା ବୃଦ୍ଧି ପରିପ୍ରେକ୍ଷୀରେ ଏକ ଅଭିଜ୍ଞତା ଆଦାନପ୍ରଦାନଓ ପରାମର୍ଶ କର୍ମଶାଳା ମୁଖ୍ୟ ଶାସନସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତହୋଇଯାଇଛି । କର୍ମଚାରୀଙ୍କ ଦକ୍ଷତା ବିକାଶରେ ଦୃତ ପରିବର୍ତ୍ତନ ପାଇଁ ମିଶନକର୍ମଯୋଗୀତରଫରୁ ଲାର୍ଜ ସ୍କେଲ୍ ଇଂଟରଭେନସନ((ଏଲଏସଆଇ) ଭଳି ବଡ଼ ପଦକ୍ଷେପ ନିଆଯାଇଛି । ରାଜ୍ୟରେ ମିଶନ କର୍ମଯୋଗୀର କାର୍ଯ୍ୟକାରିତା କ୍ଷେତ୍ରରେ ସମନ୍ୱୟ ପାଇଁ ରାଜ୍ୟରେ ନୋଡାଲ ଏଜେନ୍ସି ଥିବା ଗୋପବନ୍ଧୁ ପ୍ରଶାସନ ଏକାଡେମୀ ତରଫରୁ ଭାରତ ସରକାରଙ୍କ ଦକ୍ଷତା ବିକାଶ ଆୟୋଗ(ସିବିସି) ସହଯୋଗରେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା । ଗୋପବନ୍ଧୁ ପ୍ରଶାସନ ଏକାଡେମୀର ମହାନିର୍ଦ୍ଦେଶକ ଜି. ମାଥି ଭାଥନନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ୱାଇବି ଖୁରାନିଆ ଏବଂ ଏଡିଜି,ପୁଲିସ୍ (ପ୍ରଶିକ୍ଷଣ)ଶ୍ରୀ ସଞ୍ଜୀବ ପଣ୍ଡା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ସିବିସିର ସଦସ୍ୟ (ମାନବ ସମ୍ବଳ) ଡ. ଆର୍ ବାଲସୁବ୍ରମଣ୍ୟମ ତାଙ୍କ ଟିମ୍ ସହ ଆଭାସୀ ମାଧ୍ୟମରେ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ସକ୍ରିୟ ପ୍ରୟାସକୁ ପ୍ରଶଂସା କରିବା ସହ ନାଗରିକ କୈନ୍ଦ୍ରିକ ଶାସନ ସୁନିଶ୍ଚିତ କରିବା ଏବଂବିକଶିତ ଭାରତ-୨୦୪୭ ଗଠନର ଅବଦାନ ସଂପର୍କରେ ଗୁରୁତ୍ୱାରୋପ କରିଥିଲେ । ସିବିସିର ଏକ ଅଂଶୀଦାର ଏଜେନ୍ସି ଇଲୁମିନ୍ ନଲେଜ୍ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍ର ପ୍ରତିନିଧିମାନେ ଏଲ୍ଏସ୍ଆଇ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବା ବିଷୟରେ ସୂଚନା ଦେଇଥିଲେ। ଡ. ଶ୍ରୀନିବାସ ଭେଙ୍କଟରାମ ଏବଂ ଶ୍ରୀ ବିରେନ ଆନନ୍ଦ ଭାରତୀୟ ରେଳବାଇ, ଭାରତୀୟ ଡାକ, ଦିଲ୍ଲୀ ପୋଲିସ ଏବଂହରିୟାଣା ପୋଲିସ ଭଳି ସଂସ୍ଥାରେ ଏହା କିପରିସଫଳତାର ସହ କାର୍ଯ୍ୟକାରୀ କରାଯାଉଛି,ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଉନ୍ନତ ସେବା ପ୍ରଦାନର ମୂଲ୍ୟାଙ୍କନ କରିବା ପାଇଁ ତୃତୀୟ ପକ୍ଷ ମୂଲ୍ୟାୟନ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।

DSPL - 329

ODISHA NEW OPPORTUNITIES

CII Confederation of Indian Industry

# MAKE IT GROW

## Accelerate Industries and Innovations in Odisha

From Tech to Textiles, and beyond, the **Utkarsh Odisha - Make in Odisha Conclave 2025** will showcase the state's industrial prowess and future-ready, pro-business initiatives and microclimate.
Come, let's huddle together, network and collaborate, to create an Odisha that will be a force multiplier of economic and sustained growth and unbounded prosperity for all sections of society.



Shri Narendra Modi
Prime Minister

Shri Mohan Charan Majhi
Chief Minister, Odisha

*"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."*

### Attend Engaging Sectoral Sessions

- Chemicals, Petrochemicals And Plastics
- Healthcare, Pharma & Biotechnology
- Renewable Energy & Equipment
- Agri Industry & Food Processing
- Mining & Metallurgy
- IT / ITeS And Electronics
- Textiles And Apparel
- Tourism Development




### Join The Incubation, Skilling And Start-up Ecosystem With:

- Start-up Odisha
- Women Entrepreneurship enable by SUBHADRA
- Countries-of-Focus Session
- Skilled in Odisha

**BECOME A PART OF THE "VIKSIT ODISHA 2036" JOURNEY**

## INVEST IN ODISHA, INVEST IN FUTURE

- Networking Opportunities -B2G MEETINGS
- Gala Cultural Events
- 6 Thematic Sessions
- Grand Make In Odisha Expo
- 12 Sectoral Sessions
- Vision Viksit Odisha 2036 Showcase

**REGISTER NOW**

Scan to Register

Visit us at https://mio.investodisha.gov.in

OIPR- 14005/13/0025/2425

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida